## ଜିଲାପାଳଙ୍କ ଦ୍ୱାରା ଲଙ୍କାମରିଚ ଚାରା ବଣ୍ଟନ

କୁଚିଣ୍ଡା (ଡି.ଏନ.ଏ.): ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଗୁରୁବାର କୁଚିଣ୍ଡା ଗସ୍ତରେ ଆସି ମେଟାକାନି ଏଗ୍ରୋ ଦ୍ୱାରା କରାଯାଇଥିବା ଲଙ୍କା ନର୍ସରୀ ପରିଦର୍ଶନ କରିଥିଲେ । ଏହି ନର୍ସରୀରେ ବିଭିନ୍ନ ପ୍ରଣାଳୀରେ କରାଯାଇଥିବା ପ୍ରାୟ ୧୦,୦୦୦ ଚାରା ବ୍ଲକର ଚାଷୀମାନଙ୍କୁ ବଣ୍ଟନ କରିଥିଲେ। ଏହି ଅବସରରେ କୁଚିଣ୍ଡା ଉପ ଜିଲାପାଳ ବିଭୂତି ଭୂଷଣ ନାୟକ,ଓରମାସ ଡେପୁଟି ସିଇଓ ଶ୍ରୀମନ୍ତ ହୋତା ,କୁଚିଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ସା,ବ୍ଲକ ଅଧକ୍ଷ ଭୁବନେଶ୍ୱର କିସାନ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର
- ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ପ୍ରଶିକ୍ଷଣ ଶିବିର, କାଳିବାଡ଼ି ପରିସର, ସକାଳ ୯ଟା ।
- ନାଗରିକ କଲ୍ୟାଣ ସମିତିର ବୈଠକ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ସର୍ବେ ଗ୍ରାମରେ ଯୁବକଙ୍କୁ ଛୁରାମାଡ଼

ଜମନକିରା,୧୦।୧୧(ଡି.ଏନ.ଏ.): ଜମନକିରା ବ୍ଲକ କୁଚିଣ୍ଡା ଥାନା ଅନ୍ତର୍ଗତ କେନାଡିପା ପଞ୍ଚାୟତ ସର୍ବେ ଗ୍ରାମର ଯାତ୍ରା ମଣ୍ଡପ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ପ୍ରକାଶ ଯେ, ଗତ ୮ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କେନାଡିପା ଗ୍ରାମରେ ଫୁଟବଲ ମ୍ୟାଚର ଅୟୋଜନ ହୋଇଥଲା। ଏହି ସମୟରେ ଭୋଇଡରା ଗ୍ରାମର ଦୁଇ ଜଣ ଯୁବକ ସର୍ବେ ଗ୍ରାମର ଯାତ୍ରାମଣ୍ଡପ ସମ୍ମୁଖରେ ଅଶ୍ଳୀଳ ଭାଷାରେ ପାଟିତୁଣ୍ଡ କରୁଥିବା ବେଳେ ସର୍ବେ ଗ୍ରାମର ବିଜୟ କୁମୁରା (୨୭) ସେମାନଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ନିଶାସକ୍ତ ଅବସ୍ଥାରେ ଥିବା ଦୁଇ ଯୁବକ ବିଜୟଙ୍କୁ ଛୁରାରେ ଆକ୍ରମଣ କରିଥିଲେ। ତାଙ୍କ ଛାତି ଓ କାନରେ ଆଘାତ ଲାଗିଥିବାରୁ କୁଚିଣ୍ଡା ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା। କୁଚିଣ୍ଡା ପୋଲିସ ଅଭିଯୁକ୍ତଙ୍କୁ ଡକାଇ ପଚରା ଉଚରା ଚଳାଇଛି ।

### ପଟ୍ଟାଦେଲେ ଆବାସ ଯୋଜନାରେ ସାମିଲ ହୋଇ ପାରିବେ

ସମ୍ବଲପୁର,୧୦।୧୧(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ (ଏସଏମସି) ବସ୍ତି ଅଞ୍ଚଳରେ ଡ୍ରୋନ ସର୍ଭେ କାମର ଶୁଭାରମ୍ଭ ହୋଇଛି । ଏହା ଶୀଘ୍ର ଶେଷ କରାଯାଇ ଜମି ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉ ବୋଲି ଜିଲା ଭାଜପା ସଭାପତି ଗିରିଶ ପଟେଲ ଦାବି କରିଛନ୍ତି । ପଟ୍ଟା ପାଇଲେ ସେମାନେ ଆବାସ ଯୋଜନା ଓ ସରକାରଙ୍କ ଅନ୍ୟ ଯୋଜନାର ଲାଭ ନେଇ ପାରିବେ । ୫ ବର୍ଷ ହେବ ଆନ୍ଦୋଳନ କରି ଆସୁଛନ୍ତି । ଯାହା ସଫଳ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୮୦୦୦ ଲୋକ ଆବେଦନ କରିଛନ୍ତି ।

### ଶିକାରୀ ଗୁଳିରୁ ଅଳ୍ପକେ ବର୍ତ୍ତିଲେ ବନ କର୍ମଚାରୀ

ରେଢ଼ାଖୋଲ,୧୦।୧୧(ଡି.ଏନ.ଏ.): ରେଢ଼ାଖୋଲ ବନଖଣ୍ଡରେ ଅବାଧରେ ବନ୍ୟଜନ୍ତୁ ଶିକାର ଚାଲିଛି । ଏପରିକି ଶିକାରୀମାନେ ଏବେ ବନ କର୍ମଚାରୀଙ୍କୁ ମଧ ଟାର୍ଗେଟ କରିବାକୁ ପଛାଉ ନାହାନ୍ତି। ଶିକାରୀଙ୍କ ଗୁଳିରୁ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି ବଡମାଲ ରେଞ୍ଜ ମୋଚିବାହାଲ ବିଟର ଫରେଷ୍ଟ ଗାର୍ଡ ସୁନୀଲ ମିର୍ଦ୍ଧା ଓ କୈଳାସ ମିଶ୍ର। ତେବେ ବନ କର୍ମଚାରୀ ଶିକାରୀ ସୁରେଶ ପ୍ରଧାନଙ୍କୁ କାବୁ କରିଥିବା ଜଣାପଡିଛି। ଏ ନେଇ ଫରେଷ୍ଟ ଗାର୍ଡ ସୁନୀଲ ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି।

# ଏସ୍ଏମ୍ସି ବସ୍ତି ଅଞ୍ଚଳରେ ଡ୍ରୋନ ସର୍ଭେ ଆରମ୍ଭ

ସମ୍ବଲପୁର,୧୦।୧୧(ବ୍ୟୁରୋ)


ସମ୍ବଲପୁର ଏସଏମସିରେ ଡ୍ରୋନ ସର୍ଭେ ଆରମ୍ଭ କାର୍ଯ୍ୟକ୍ରମରେ ଅତିଥିଗଣ ।

ସମ୍ବଲପୁର ମହାନଗର ନିଗମ ( ଏସଏମସି) ବସ୍ତି ଅଞ୍ଚଳରେ ହେବାକୁ ଥିବା ଡ୍ରୋନ ସର୍ଭେ କାମର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ମାଧ୍ୟମରେ ସର୍ଭେ କରିଥିଲେ । ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୧୬ କେଉଟପଡାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ଡ୍ରୋନ ଉଡାଇଥିଲେ। ଭର୍ଚୁଆଲ୍ରେ ସମ୍ବଲପୁର ସହ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଏବଂ ରାଉରକେଲା ମହାନଗର ନିଗମ ସହ ଜଡିତ ହୋଇଥିଲେ । ଏସଏମସିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲାପାଳ ଅନନ୍ୟା ଦାସ, ଏସ୍ପି ବି. ଗଙ୍ଗାଧର, ମହାନଗର ନିଗମ କମିଶନର ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗତବର୍ଷ ଡିସେମ୍ବର ମାସରେ ରାଜ୍ୟ ସରକାର ମହାନଗର ବାସୀଙ୍କୁ ଜାଗା ମିଶନରେ ଭୂମି ଅଧିକାର ପ୍ରଦାନ ପାଇଁ କ୍ୟାବିନେଟ ନିଷ୍ପତ୍ତି ନେଇଥିଲେ । ଏହି ଆଧାରରେ ମହାନଗର ନିଗମଗୁଡିକର ବିଭିନ୍ନ ବସ୍ତିରେ ରହୁଥିବା ଯୋଗ୍ୟ ହିତାଧିକାରୀମାନେ ଭୂମି ଅଧିକାର ପାଇବାକୁ ହକଦାର ହୋଇଥିଲେ । ଏହି ଡ୍ରୋନ ସର୍ଭେ ଜରିଆରେ ବସ୍ତିରେ ଥିବା ଘରଗୁଡିକ ଚିହ୍ନଟ କରାଯିବା ସହିତ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ହେବ । ଏହି ସର୍ଭେରେ କେଉଁ ବସ୍ତିରେ କେତେ ଘର ରହିଛି ଓ ଏହି ଘର ଗୁଡିକ କେତେ ବର୍ଗ ମିଟର ଅଛି ତାହା ଜଣା ପଡିବ । ୨୦୧୭ ମସିହାରେ ରାଜ୍ୟ ସରକାର ଜାଗା ମିଶନରେ ରାଜ୍ୟର ପୌରାଞ୍ଚଳଗୁଡିକରେ ବସ୍ତି ବାସିନ୍ଦାଙ୍କୁ ଜମି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ଏଥିରେ ରାଜ୍ୟର ୫ ଟି ମହାନଗର ନିଗମକୁ ସାମିଲ କରାଯାଇ ନ ଥିଲା । ଜାଗା ମିଶନ ଯୋଜନାରେ ବସ୍ତିଗୁଡିକୁ ମୌଳିକ ସୁବିଧା ସୁଯୋଗ ଯଥା ଡ୍ରେନ, ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ ଓ ଷ୍ଟ୍ରିଟ ଲାଇଟ ଆଦି ଯୋଗାଇ ଏହାକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯିବ। ଏ ନେଇ ରାଜ୍ୟ ସରକାର ଟାଟା ଷ୍ଟିଲ ଫାଉଣ୍ଡେଶନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି ।

# ବସ୍ତି ବାସିନ୍ଦାଙ୍କ ପାଇଁ ଲାଭଦାୟକ ଯୋଜନା

ସମ୍ବଲପୁର,୧୦।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବଲପୁର ମହାନଗର ଅଞ୍ଚଳ ବସ୍ତି ବାସିନ୍ଦାମାନଙ୍କୁ ଘରଡିହର ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହାକୁ ବସ୍ତିବାସିନ୍ଦା ମହାସଂଘ ସ୍ୱାଗତ କରିଛି । ଏହାସହ ଜିଲା ବିଜେଡି ପକ୍ଷରୁ ମଧ୍ୟ ସ୍ୱାଗତ କରାଯାଇ କାର୍ଯ୍ୟକ୍ରମ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ଯୋଜନାର ଶୁଭାରମ୍ଭ କରିଥିଲେ। ସମ୍ବଲପୁର ଜିଲା ସଭାପତି ତଥା ସମ୍ବଲପୁର ମହାନଗର ବସ୍ତି ବାସିନ୍ଦା ମହାସଂଘର ସଭାପତି ଇଂ.ସିଦ୍ଧାର୍ଥ ଦାସ ଉପସ୍ଥିତ ଥିଲେ । ସମ୍ବଲପୁର ଜିଲା ବିଜେଡି ତରଫରୁ ଜିଲା ସଭାପତି ଦାସଙ୍କ ସହ ସମ୍ବଲପୁର ଜିଲା ବିଜେଡି ଉପସଭାପତି ଅଶୋକ କୁମାର ମହାକୁର,ସମ୍ବଲପୁର ଜିଲା ବିଜେଡି ସମ୍ପାଦକ ଦିଲୀପ ଦାଶ, ଶିଶିର ମହାନ୍ତି, ସୁଧୀର ପାଣିଗ୍ରାହୀ,ଜିଲା ବିଜେଡି କୋଷାଧ୍ୟକ୍ଷ ରଚିନ୍ଦ୍ର କୁଅଁର,ବରିଷ୍ଠ ନେତା ସୀତାକାନ୍ତ ପଣ୍ଡା, ସୁଶାନ୍ତ ଦଣ୍ଡସେନା, ଯୁବ ନେତା ଯାମିନୀ ବହିଦାର, ନିଶାନ୍ତ ଦୀକ୍ଷିତ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସତୀଶ ବିଶି, ଲିଙ୍ଗରାଜ ତ୍ରିପାଠୀ, ଇଂ. ନିଶିଥ ଆକାଶ, ଜିଲା ଯୁବ ବିଜେଡି ସମ୍ପାଦକ ଇଂ.ଦୀନେଶ ସେଠ, ଆଶିଷ ମହାନନ୍ଦ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଭିମନ୍ୟୁ ରାଉତ, ବନମାଳୀ ନାଗ, ରାଜା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ରାଜ୍ୟର ୩୩ ଟି ପୌରସଂସ୍ଥାର ୭୦୭ ଉନ୍ନୀତ ବସ୍ତିକୁ ବିଜୁ ଆଦର୍ଶ କଲୋନୀ କରିବାକୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିସହିତ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ଜରିଆରେ ଭୂମି ଅଧିକାର ଦେବା ପାଇଁ ଓଡ଼ିଶାର ୫ଟି ମହାନଗର ନିଗମରେ ଆରମ୍ଭ ହେବାକୁ ଥିବା ଡ୍ରୋନ୍ ସର୍ଭେ ନିମନ୍ତେ ଏମ୍ଓୟୁ ସ୍ୱାକ୍ଷର କରାଯାଇଛି । ଏହା ବସ୍ତିବାସିନ୍ଦାଙ୍କ ପାଇଁ ଲାଭଦାୟକ ଯୋଜନା ବୋଲି ଜିଲା ସଭାପତି ଦାସ କହିଥିଲେ ।

# ମାଣ୍ଡିଆରେ ରହିଛି ରୋଗ ପ୍ରତିରୋଧକ ଗୁଣ

ସମ୍ବଲପୁର,୧୦।୧୧(ବ୍ୟୁରୋ)


ସମ୍ବଲପୁର ଜିଲା କଦଳୀପାଳରେ ମାଣ୍ଡିଆ ଦିବସ ପାଳନ ଅବସରରେ ଚାଷୀଙ୍କ ସହ ଅତିଥି ।

ଉତ୍ତମ ପୋଷଣ ଯୁକ୍ତ ଖାଦ୍ୟ ହେଉଛି ମାଣ୍ଡିଆ । ଜୀବସାର ସହ କ୍ୟାଲସିୟମ, ଆଇରନ ଭଳି ଭିଟାମିନ ଏଥିରେ ଭରି ରହିଛି । ଆଜିର ଖାଦ୍ୟ ସାମଗ୍ରୀରେ ଯେଭଳି ଭାବେ ରାସାୟନିକ ସାର ବ୍ୟବହାର କରାଯାଉଛି ଏହା ରୋଗର କାରଣ ପାଲଟିଛି । ନିୟମିତ ଭାବେ ମାଣ୍ଡିଆ ବ୍ୟବହାର କଲେ ଏଥିରେ ଥିବା ରୋଗ ପ୍ରତିରୋଧକ ଶକ୍ତି ଶରୀରରେ ଥିବା ରୋଗକୁ ପ୍ରତିହତ କରିବ ବୋଲି ସମ୍ବଲପୁର ଜିଲା କଦଳୀପାଳରେ ଗୁରୁବାର ମାଣ୍ଡିଆ ଦିବସ ପାଳନ ଅବସରରେ ଅନୁଷ୍ଠିତ ବୈଠକରେ ଅତିଥିମାନେ ମତ ପ୍ରକାଶ କରି ଚାଷୀମାନଙ୍କୁ ସଚେତନ କରିଥିଲେ। ସେମାନେ ଆହୁରି କହିଥିଲେ ଯେ, ଆମର ପୂର୍ବଜମାନେ ମାଣ୍ଡିଆ ସମେତ ଧାନ, ଚାଉଳ ଖାଦ୍ୟ ଶସ୍ୟ ଭାବେ ବ୍ୟବହାର କରୁଥିଲେ । ଏହାଫଳରେ ଶରୀର ସୁସ୍ଥ ଓ ମସ୍ତିଷ୍କ ଶାନ୍ତ ରହୁଥିଲା। ତେବେ ବଜାରରେ ମିଳୁଥିବା ଅଧିକାଂଶ ଖାଦ୍ୟ ସାମଗ୍ରୀ ଭେଜାଲ ହୋଇଥିବାରୁ ମଣିଷ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛି। ମାଣ୍ଡିଆ ଚାଷ କରି ଏହାକୁ ବିକ୍ରି କରି ଆର୍ଥିକ ସ୍ଥିତି ସୁଧାର କରିବା ସହ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଖବରଦାତା ପ୍ରଫୁଲ୍ଲ କୁମାର ଦାଶ, ଏସଡିଏ ସ୍କୁଲ ଅଧକ୍ଷ ମାଥିନିଆଲ ବରଜୁ, ଚାଷୀ ମନବୋଧ ସାହୁ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଆଦର୍ଶ ଅନୁଷ୍ଠାନର ପ୍ରଦୀପ ବେହେରା ଉପସ୍ଥିତ ଥିଲେ । ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ମାଣ୍ଡିଆ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ଝୁଡ଼ିବାହାଲରେ କାର୍ତ୍ତିକେଶ୍ୱର ଯାତ୍ରା

ଝାରସୁଗୁଡ଼ା ଅଫିସ, ୧୦।୧୧

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅନ୍ତର୍ଗତ ଝୁଡ଼ିବାହାଲ ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କାର୍ତ୍ତିକେଶ୍ୱର ଯାତ୍ରା ପାଳିତ ହୋଇଯାଇଛି। ୨ଦିନ ଧରି ଆୟୋଜିତ ଯାତ୍ରାର ପ୍ରଥମ ଦିବସରେ ଗ୍ରାମରେ ନୂତନ ଭାବେ ନିର୍ମିତ କାର୍ତ୍ତିକେଶ୍ୱର ମଣ୍ଡପକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରି ଯାତ୍ରାର ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାରେ ବରଗଡ଼ରୁ ଆସିଥିବା ମହିଳା ସଂକୀର୍ତ୍ତନ ମଣ୍ଡଳୀର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବୈଠକି କୀର୍ତ୍ତନ ପରିବେଷଣ କରାଯାଇଥିଲା। ଯାତ୍ରାର ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଗ୍ରାମର ଯୁବଗୋଷ୍ଠୀର ନିତ୍ୟାନନ୍ଦ ଜଗତଙ୍କ ସୌଜନ୍ୟରୁ ପୁରସ୍କାର ତଥା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହା ସହିତ ସନ୍ଧ୍ୟାରେ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଯାତ୍ରାରେ ଆଖପାଖ ଗ୍ରାମଗୁଡିକରୁ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିବାବେଳେ ଲୋକେ ଆନନ୍ଦ ସହ ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି ଯାତ୍ରାରେ ମୀନା ବଜାର ଲୋକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ର ଥିଲା । ଯାତ୍ରାକୁ ସୁରୁଖୁରୁରେ ସମାପନ କରିବାରେ ଯାତ୍ରା କମିଟି ସଭାପତି ଅନ୍ତରାମ ଭୁଏ, ସମ୍ପାଦକ ଭବାନୀ ଶଙ୍କର ଗର୍ଡ଼ିଆ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ହଂସଧ୍ୱଜ ଗର୍ଡିଆ, ସପ୍ନେଶ୍ୱର୍ ଗର୍ଡିଆ, ଜଗଦୀଶ ସିଂ, ରୋହିତ ପୋଡ଼, ଋଷି ନାଏକ, ଲଳିନ୍ଦ୍ର ନାଏକ, ଭୂପେନ୍ଦ୍ର ଗର୍ଡିଆ, ଭକ୍ତରାମ ତନ୍ତୀ, ରାଜେନ୍ଦ୍ର ନାଏକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

# ବଢ଼ୁଛି ଜନ ସମର୍ଥନ, ସରକାରଙ୍କୁ ଅଡୁଆରେ ପକାଇବ


ସମ୍ବଲପୁର କଚେରି ଛକରେ ଆଇନଜୀବୀମାନେ ।

### ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

ସମ୍ବଲପୁର,୧୦।୧୧(ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସମ୍ବଲପୁର ଜିଲାରେ ଓକିଲ ସଂଘ ଗୁରୁବାର ଦିନିକିଆ ବନ୍ଦ ଡାକରା ଦେଇଥିଲା । ଜିଲାରେ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ, କୋର୍ଟଗୁଡ଼ିକ ବନ୍ଦ ରହିଥିଲା । ଓକିଲ ସଂଘ ଆନ୍ଦୋଳନକୁ ବିଭିନ୍ନ ସାମାଜିକ ସଂଗଠନ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ । କଚେରି ଛକରେ ପିକେଟିଂ କରି ବିଚାରପତିମାନଙ୍କୁ ଫେରାଇ ଦେଇଥିଲେ । କେତେକ ସରକାରୀ କାର୍ଯ୍ୟାଳୟରେ ପିକେଟିଂ କରାଯାଇଥିବା ବେଳେ କେତେକ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ କରି ଦେଇଥିଲେ । ଆନ୍ଦୋଳନ ସ୍ଥଳରେ ଆନ୍ଦୋଳନକାରୀମାନେ ନାରାବାଜି କରିଥିଲେ । ବହୁ ବର୍ଷ ଧରି ଚାଲିଥିବା ଏହି ଆନ୍ଦୋଳନ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ଆଉ ଚଳିବ ନାହିଁ । ଶୀଘ୍ର ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ରିପୋର୍ଟ କେନ୍ଦ୍ର ସରକାର ନିକଟରେ ଦାଖଲ କରନ୍ତୁ । ପ୍ରଥମ ପର୍ଯ୍ୟାୟ କାମ ରାଜ୍ୟ ସରକାରଙ୍କ ରହିଛି । ଏହାପରେ କେନ୍ଦ୍ର ସରକାର ଅବହେଳା କଲେ ତାଙ୍କୁ ଦାୟୀ କରାଯିବ । ଏହି ଆନ୍ଦୋଳନକୁ ଜନସମର୍ଥନ ଓ ବିଭିନ୍ନ ସାମାଜିକ ସଂଗଠନର ସହଯୋଗ ମିଳୁଛି । ଆଜି ମଧ ବିଭିନ୍ନ ଅନୁଷ୍ଠାନ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଶୀଘ୍ର ପ୍ରସ୍ତାବ ନ ଦେଲେ ଆନ୍ଦୋଳନ ପରିଣତି ରାଜ୍ୟ ସରକାରଙ୍କ ବିରୋଧରେ ଯିବ। ତେଣୁ ସମୟ ଥିବା ପୂର୍ବରୁ ରାଜ୍ୟ ସରକାର ସୁଧୁରି ଯାଆନ୍ତୁ ବୋଲି ଚେତାବନୀ ଦିଆଯାଇଛି । ଜିଲା ଓକିଲ ସଂଘର ସଭାପତି ସୁରେଶ୍ୱର ମିଶ୍ର, ସାଧାରଣ ସଂପାଦକ ସରୋଜ କୁମାର ସାହୁ, ପୂର୍ବତନ ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ରାଜୀବ ଶତପଥୀ, ଚନ୍ଦ୍ରକାନ୍ତ ମହାନ୍ତି, ଅରବିନ୍ଦ ନାୟକ, ଜୟଶଙ୍କର ମିଶ୍ର, କୃଷ୍ଣଚନ୍ଦ୍ର ବାବୁ, ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଚାଲିଥିବା ଆନ୍ଦୋଳନ ଏବେ ଚୁଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଜିଲା ଓକିଲ ସଂଘ ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି ଅନୁସାରେ ଜିଲା ଓକିଲ ସଂଘ ଏହି ଆନ୍ଦୋଳନକୁ ଓହ୍ଲାଇଥିଲା ।

# ହୀରାକୁଦ ବିସ୍ଥାପିତଙ୍କ ପକ୍ଷରୁ ଧାରଣା

### ଜିଲାପାଳଙ୍କ ଜରିଆରେ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର

ଝାରସୁଗୁଡା ଅଫିସ୍,୧୦।୧୧

ହୀରାକୁଦ ବୁଡିଅଞ୍ଚଳ ସଂଗ୍ରାମ ସମିତି ତରଫରୁ ପୂର୍ବସୂଚନା ଅନୁଯାୟୀ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣା ଦିଆଯାଇଥିଲା। ଏନେଇ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ୯,୯୧୩ ପରିବାରଙ୍କ ମଧ୍ୟରୁ ୩,୫୪୦ପରିବାରଙ୍କୁ ଏକର ପ୍ରତି ୧୦ହଜାର ଟଙ୍କା ମୂଲ୍ୟରେ ଅନୁକମ୍ପାମୂଳକ କ୍ଷତିପୂରଣ ପ୍ରଦାନ କରିବାପାଇଁ ନିଷ୍ପତି ନିଆଯାଇଥିଲା। ଏହି ହିସାବରେ ୩୨୦ପରିବାର ମଧ୍ୟରେ ଝାଙ୍କର, ଚୌକିଦାର, ଧୋବା ଓ ନରିହାମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ବିଚାରକୁ ନ ନିଆଯାଇ ଏଥିରୁ ବାଦ ଦିଆଯାଇଥିଲା। ଏହି ପରିବାରଙ୍କୁ ସେମାନଙ୍କ ବକେୟା କ୍ଷତିପୂରଣ ବର୍ତ୍ତମାନ ବଜାର ଦରରେ ପ୍ରଦାନ କରିବା ପାଇଁ ସଂଗ୍ରାମ ସମିତି ଦୀର୍ଘବର୍ଷ ହେଲା ଦାବି କରିଆସୁଛି। ଏହି ପରିପ୍ରେକ୍ଷିରେ ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଗୋପୀନାଥ ମାଝିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏଥିରେ ଦ୍ୱାରିକା ପ୍ରସାଦ ସା, କେଦାର ଧୁରୁଆ, ସୁବଳ ଲୁହା, ତପି ବାଗ୍, ସୁରେନ୍ଦ୍ର ବଗାର, ମଣି ଗନିକ ଓ ଦୁର୍ଗା କାଲୋ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଝାରସୁଗୁଡ଼ା ଜିଲାରେ ୫ରୁ ଧାନ କିଣା

### ଏଥର ଲକ୍ଷ୍ୟ ୬ଲକ୍ଷ ୪୮ହଜାର କ୍ୱିଣ୍ଟାଲ

ଝାରସୁଗୁଡ଼ା ଅଫିସ,୧୦।୧୧

ଝାରସୁଗୁଡ଼ା ଜିଲାରେ ଧାନ କିଣା ସକାଶେ ଚଳିତ ଖରିଫ ଋତୁର ପ୍ରଥମ ଜିଲାସ୍ତରୀୟ ଧାନ କିଣା (ଡିଏଲ୍ପିସି) ବୈଠକ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ବୈଠକରେ ବିଭିନ୍ନ କୃଷକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇ ଡିସେମ୍ବର ପ୍ରଥମ ସପ୍ତାହରୁ ଧାନ କିଣା ଆରମ୍ଭ ପାଇଁ ଦାବି କରିଥିଲେ। ଏହି କ୍ରମରେ ଆସନ୍ତା ଡିସେମ୍ବର ୫ରୁ ଜିଲାରେ ଧାନ କିଣା ଆରମ୍ଭ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜିଲାର ଧାନ କିଣା ଲକ୍ଷ୍ୟ ୬ଲକ୍ଷ ୪୮ ହଜାର ୮୨୩.୨୩ କ୍ୱିଣ୍ଟାଲ (୬,୪୮,୮୨୩) ଧାନ କ୍ରୟ ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆବଶ୍ୟକତା ମତେ ଏହି ଲକ୍ଷ୍ୟ ବୃଦ୍ଧି ହୋଇପାରେ ବୋଲି କୁହାଯାଇଛି। ଗତ ଖରିଫ ଋତୁରେ ସମବାୟ କର୍ମଚାରୀ ଗଣ ଆନ୍ଦୋଳନରେ ଥିବା ହେତୁ ୮୨ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଧାନ କିଣା ଦାୟିତ୍ୱ ଦିଆଯାଇଥିଲା। ତେବେ ଚଳିତ ବର୍ଷ ସ୍ୱାଭାବିକ ଭାବେ ସମସ୍ତ ୩୨ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଧାନ କିଣା ପ୍ରକ୍ରିୟାରେ ସାମିଲ ହେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ଏହା ବ୍ୟତୀତ ଜିଲାର ପ୍ରାୟ ୨୫ଟି ସକ୍ଷମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ ଏଥିରେ ସାମିଲ କରାଯିବ ବୋଲି କୁହାଯାଇଛି। ବୈଠକରେ ଚାଷୀମାନେ ଧାନ କ୍ରୟ କେନ୍ଦ୍ରରେ ପାନୀୟ ଜଳ, ଛାୟା ଆଦି ଦାବି କରିଥିଲେ। ଚଳିତ ବର୍ଷ ଜିଲାର ୯ଜଣ ମିଲର୍ସଙ୍କୁ ଏହି ଧାନ କ୍ରୟ ପ୍ରକ୍ରିୟାରେ ଟେଗ କରାଯାଇଛି। ବୈଠକରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର ନାୟକ, ଉପଜିଲାପାଳ ଦୟାମୟ ପାଢ଼ୀ, ସାଂସଦ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରମୁଖ ମଞ୍ଚାସୀନ ଥିଲେ। ଏହାବ୍ୟତୀତ ସମବାୟ ବିଭାଗ, କୃଷି ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।


ଡିଏଲପିସି ବୈଠକରେ ମଞ୍ଚାସୀନ ଅଧିକାରୀ ଓ ଜନପ୍ରତିନିଧି ମାନେ ।

# ଦିନରେ ତଦନ୍ତ, ରାତିରେ କାମ

### କିଲାସମା ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ ଦୁର୍ନୀତି ଘଟଣା

ସମ୍ବଲପୁର,୧୦।୧୧(ବ୍ୟୁରୋ)


ସମ୍ବଲପୁର କିଲାସମା ପଞ୍ଚାୟତର ଏକ ରାସ୍ତାରେ ଅଭିଯୋଗ ପରେ ମାଟି ପକାଯାଇଛି ।

ସମ୍ବଲପୁର ଜିଲା ଧନକଉଡା ବ୍ଲକ କିଲାସମା ପଞ୍ଚାୟତରେ ଏମଜିଏନଆରଇଜିଏସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏହାକୁ ନେଇ ଖବର ମଧ ପ୍ରକାଶ ପାଇଥିଲା । ଜିଲାପାଳ ଅନନ୍ୟା ଦାସଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଆରମ୍ଭ ହୋଇଛି । ଗତ ୩ ଦିନ ଧରି ଜିଲା ପରିଷଦ କାର୍ଯ୍ୟାଳୟର ଅଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି । ଏହାର ରିପୋର୍ଟ ଜିଲା ପ୍ରଶାସନ ପାଖରେ ଦାଖଲ କରିବେ । ତଦନ୍ତ ସମୟରେ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ମୁହାଁମୁହିଁ ହୋଇଥିଲେ । ତଦନ୍ତକାରୀ ଟିମକୁ ଗ୍ରାମର ମହିଳାମାନେ ଦୁର୍ନୀତି ହୋଇଥିବା ନେଇ ବୟାନ ଦେଇଥିଲେ। ବିଭିନ୍ନ କାର୍ଯ୍ୟରେ ବ୍ଲକ, ପଞ୍ଚାୟତର ଅଧିକାରୀ, ଜନପ୍ରତିନିଧି ମିଳିମିଶି ପ୍ରାୟ ୮ ଲକ୍ଷ ଟଙ୍କା ହଡ଼ପ କରିଥିବା କହିଥିଲେ। କିଭଳି ଭାବେ କାମ ନ କରି ବିଭିନ୍ନ ପ୍ରକଳ୍ପରେ ବିଲ ଉଠାଯାଇଛି, ଏଥିରେ ସମସ୍ତଙ୍କ ସଂପୃକ୍ତି ଥିବା ନିଶ୍ଚିତ ହୋଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଅକ୍ଟୋବର ୩ ତାରିଖରୁ ହୋଇଥିବା ବେଳେ ୮ତାରିଖଠାରୁ ତଦନ୍ତ ଆରମ୍ଭ କରାଯାଇଥିଲା । ଅପରପକ୍ଷରେ ଠିକାଦାର ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ କାମ କରିବା ପାଇଁ ବ୍ଲକ ପ୍ରଶାସନ ସହଯୋଗ କରିଥିଲା । ତେଣୁ ସେମାନେ ଜେସିବି, ଟ୍ରାକ୍ଟର ଲଗାଇ ରାତିଅଧିଆ ରାସ୍ତାର କେତେକ ସ୍ଥାନରେ ମାଟି ପକାଇ ଦେଇଛନ୍ତି। ତେବେ ଯେତେ ଚପାଇବାକୁ ଉଦ୍ୟମ କଲେ ମଧ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇ ପାରିବେ ନାହିଁ । ସଠିକ ରିପୋର୍ଟ ଦାଖଲ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଅଭିଯୋଗକାରୀ କହିଛନ୍ତି ।

ସୂଚନାଯୋଗ୍ୟ, ପଞ୍ଚାୟତ ସୁରକ୍ଷା ସମିତି ସଦସ୍ୟମାନେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ । ବଡ ପ୍ରଧାନପାଲି ଗ୍ରାମ ଠାରୁ ଆରଡି ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା କାମ ନାଁରେ ୨୯,୭୮୧ ଟଙ୍କା ଓ ମୋରମ ବିଛାଇବା ନାମରେ ୬୯,୯୯୮ ଟଙ୍କା ମୋଟ ୯୯,୭୭୯ ଟଙ୍କା ଚଲୁ କରାଯାଇଛି । ସେହିପରି ପ୍ରଧାନପାଲି ଗ୍ରାମର ତଲିପଡାକୁ ରାସ୍ତା ଉନ୍ନତୀକରଣ ନାମରେ ପ୍ରକଳ୍ପ କରାଯାଇଛି । ବାସ୍ତବରେ କାମ କରଯାଇ ନାହିଁ ଓ ୯୧,୯୦୮ ଟଙ୍କା ବିଲ କରି ଉଠାଇ ନିଆଯାଇଛି । ଝରଘାଟି ପଡା ଗ୍ରାମର ନାଗରାଡିପା ରାସ୍ତା ନିର୍ମାଣ ନ କରି ମିଥ୍ୟା ବିଲ କରି ୧ ଲକ୍ଷ ୧୭ ହଜାର ୬୬୦ ଟଙ୍କା ଉଠାଇ ନିଆଯାଇଛି। ସେହିପରି ସାଲେଟିକ୍ରା ଗ୍ରାମରେ ଟ୍ରେଞ୍ଚ ଖୋଲା କାମରେ ମଧ ଅନିୟମିତତା କରାଯାଇଛି । ବନ ବିଭାଗ ପକ୍ଷରୁ ଏଠାରେ ଟ୍ରେଞ୍ଚ ଖୋଲା ଯାଇଥିଲା । ହେଲେ ଉକ୍ତ ଟ୍ରେଞ୍ଚକୁ ଦେଖାଇ ପୁଣି ଥରେ ବ୍ଲକ ପ୍ରଶାସନ ପକ୍ଷରୁ ବିଲ କରି ୨ ଲକ୍ଷ ୭ ହଜାର ୭୯୨ ଟଙ୍କା ଉଠାଇ ନିଆଯାଇଛି। ବଲବସପୁର ଗ୍ରାମ ବିଜଲାପଡା ରାସ୍ତା ଉନ୍ନତୀକରଣ ନାଁରେ ୧ ଲକ୍ଷ ୬ ହଜାର ଓ ମୋରମ ବିଛାଇବା ବାବଦକୁ ୬୦ ହଜାର ୫୮୦ ଟଙ୍କା ବାଟମାରଣା କରାଯାଇଛି ।

# ସୁନ୍ଦରଗଡ଼ ଜିଲାରେ 'ମାଣ୍ଡିଆ ଦିବସ'

■ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟକୁ ନେଇ ସ୍ୱତନ୍ତ୍ର ମେଳା
■ ଛାତ୍ରୀଛାତ୍ରଙ୍କ ଭିତରେ ସ୍ଲୋଗାନ ପ୍ରତିଯୋଗିତା

ସୁନ୍ଦରଗଡ଼, ୧୦।୧୧(ଡି.ଏନ.ଏ.)

ମାଣ୍ଡିଆ ସହିତ ବିଭିନ୍ନ ପୁଷ୍ଟିଶସ୍ୟକୁ ଅଧିକ ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାର 'ମାଣ୍ଡିଆ ଦିବସ' ପାଳନ କରୁଛନ୍ତି। ଗୁରୁବାର ଏହି ଅବସରରେ ସୁନ୍ଦରଗଡ଼ ଜିଲାରେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟକୁ ନେଇ ସ୍ୱତନ୍ତ୍ର ମେଳା ସହିତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଓଡ଼ିଶା ପୁଷ୍ଟିଶସ୍ୟ ମିଶନ ଅଧୀନରେ ଯେଉଁସବୁ ଜିଲାରେ ମାଣ୍ଡିଆ ଚାଷ କରାଯାଉଛି, ସେଥିମଧ୍ୟରେ ସୁନ୍ଦରଗଡ଼ ହେଉଛି ପ୍ରମୁଖ ଜିଲା। ତେଣୁ 'ମାଣ୍ଡିଆ ଦିବସ' ଅବସରରେ ସୁନ୍ଦରଗଡ଼ ଜିଲାସ୍ତରୀୟ କାର୍ଯ୍ୟକ୍ରମ ସହିତ ମାଣ୍ଡିଆ ଚାଷ ହେଉଥିବା ୧୨ଟି ବ୍ଲକରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ କରାଯାଇଛି। ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଏବଂ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ ଉଦ୍‌ଘାଟନ କରିଥିଲେ।

ମାଣ୍ଡିଆ ଦିବସ ଉପଲକ୍ଷେ ଜିଲା ଏବଂ ବ୍ଲକସ୍ତରରେ ସ୍ୱତନ୍ତ୍ର ଖାଦ୍ୟ ମେଳା ଆୟୋଜନ କରାଯାଇଥିଲା। ଏଠାରେ ବିଭିନ୍ନ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଭଳିକି ଭଳି ସୁଆଦିଆ ଖାଦ୍ୟର ପସରା ଖୋଲିଥିଲା। ସେଥିମଧ୍ୟରେ ରହିଥିଲା ମାଣ୍ଡିଆ ଲଡୁ, କେକ, ଆରିସା ପିଠା, ବରା, ଆଲୁଚପ, ସିଙ୍ଗଡ଼ା, ଗୁପଚୁପ, ଖିରି ଭଳି ଖାଦ୍ୟ। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏହି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଏହି ମେଳା ବୁଲିବାକୁ ଆସିଥିବା ସାଧାରଣ ଲୋକେ ଏହିସବୁ ଖାଦ୍ୟର ମଜା ନେଇଥିଲେ। ତା'ଛଡ଼ା ସୁନ୍ଦରଗଡ଼ ଜିଲା କାରାଗାରର ଅନ୍ତେବାସୀଙ୍କୁ ମଧ୍ୟ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ବଣ୍ଟନ କରାଯାଇଥିଲା। ସୁନ୍ଦରଗଡ଼ ଜିଲାର ଛାତ୍ରୀଛାତ୍ରଙ୍କ ଭିତରେ ମାଣ୍ଡିଆର ପୁଷ୍ଟିକର ଗୁଣ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ଏକ ସ୍ଲୋଗାନ ପ୍ରତିଯୋଗିତା କରାଯାଇଥିଲା। 'ମାଣ୍ଡିଆ ଦିବସ' ଅବସରରେ ଜିଲା ସଂସ୍କୃତି ଭବନ ପରିସରରେ ଏହି କାର୍ଯ୍ୟକ୍ରମରେ ଭାଗନେଇ ଛାତ୍ରୀଛାତ୍ର ବିଭିନ୍ନ ସର୍ଜନାତ୍ମକ ସ୍ଲୋଗାନ ଲେଖିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲାସ୍ତରୀୟ 'ମାଣ୍ଡିଆ ଦିବସ' କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ବୀରେନ୍ଦ୍ର କୁମାର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ର, ଡିଏମ୍‌ଏଫ୍ ସିଇଓ ରିତା ଡାଙ୍ଗ, ପୁଷ୍ଟିଶସ୍ୟ ମିଶନର ଜିଲା ସଂଯୋଜିକା ନିଖିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକସ୍ତରରେ ହୋଇଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓଙ୍କ ସହିତ ଓଡ଼ିଶା ପୁଷ୍ଟିଶସ୍ୟ ମିଶନର ବ୍ଲକ ସଂଯୋଜକମାନେ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ରେ 'ମାଣ୍ଡିଆ ଦିବସ' ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ବଜ୍ରକାପ୍ତା ଉଦ୍ଧାର



ହେମଗିର,୧୦।୧୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଉସତାଲି ଘାଟି ନିକଟରୁ ଗୁରୁବାର ଭୋର୍ ବନ ବିଭାଗ ପକ୍ଷରୁ ଏକ ବଜ୍ରକାପ୍ତାକୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଉସତାଲି ଠାରେ ରାସ୍ତା ପାର କରୁଥିବା ସମୟରେ ବନ ବିଭାଗ କର୍ମଚାରୀମାନେ ଦେଖି ଏହାକୁ ଉଦ୍ଧାର କରିଥିଲେ। ବନବିଭାଗର ଉପରିସ୍ଥ ଅଧିକାରୀ ଆସିବା ପରେ ଏହାକୁ ଜଙ୍ଗଲରେ ଛଡା ଯିବ ବୋଲି ସୂଚନା ମିଳିଛି। ଉଦ୍ଧାର ହୋଇଥିବା ବଜ୍ରକାପ୍ତା ହେମଗିର ରେଞ୍ଜ ଅଫିସରେ ରଖାଯାଇଛି।

### ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ସଭା

ଟେନ୍‌ସା,୧୦।୧୧(ଡ଼ି.ଏନ.ଏ.): କୋଇଡା ତହସିଲ ବାଲିଡିହି ଓ ସାଣୁଆ ଗ୍ରାମରେ ନେତ୍ରବନ୍ଧପାହାଡ (ପଶ୍ଚିମ)ଲୌହପଥର ବ୍ଲକର ବାର୍ଷିକ ୧ମିଲିୟନ ଟନ ଲୌହପଥର ଉତ୍ପାଦନ ସହିତ ଘଣ୍ଟାପ୍ରତି ୭୫୦ ଟନ କ୍ରସିଂ ଏବଂ ଘଣ୍ଟା ପ୍ରତି ୬୦୦ ଟନ ସ୍କ୍ରିନ ପ୍ରକଳ୍ପ ସ୍ଥାପନ ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ବଲଡିହି ଗ୍ରାମ ନିକଟ ଖଜୁରୀଡ଼ିହି ଖେଳ ପଡିଆଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ଇଂ ବିନୋଦ ବିହାରୀ ଦାସ, ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ, କୋଇଡା ତହସିଲଦାର ଡିଏସ ସୁଭଦର୍ଶୀ ଯୋଶୀ, ବଣାଇ ଡିଏସ୍‌ପି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ରାଗା ଟ୍ରେଡ଼କନ ପ୍ରାଇଭେଟ ଲିମିଟେଡ଼ ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କିଭଳି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ ଖଣି ପ୍ରତିନିଧି ଦିଲ୍ଲୀପ କୁମାର ରାଉତ ଜନସାଧାରଣଙ୍କୁ ଅବଗତ କରାଇବା ପରେ ମତାମତ ଲୋଡ଼ା ଯାଇଥିଲା। ୩୫ରୁ ଉର୍ଦ୍ଧ ନୂଆଖଣି ରାଗା ଟ୍ରେଡ଼କନ ପ୍ରାଇଭେଟ ଲିମିଟେଡ଼ ଖୋଲିବା ସପକ୍ଷରେ ମତାମତ ଦେଇଥିଲେ। ଖଣି ଚାଲିଲେ ପର୍ଯ୍ୟାୟକ୍ରମେ ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ରାଗା ଟ୍ରେଡ଼କନ ପ୍ରାଇଭେଟ ଲିମିଟେଡ଼ ପ୍ରତିନିଧି ଶୁଶାନ୍ତ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ରାଗା ଟ୍ରେଡ଼କନ ପ୍ରାଇଭେଟ ଲିମିଟେଡ଼ କମ୍ପାନୀର ଉପସଭାପତି ସଂଗ୍ରାମ କିଶୋର ରାଏ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## କୁଆଁରମୁଣ୍ଡା ବ୍ଲକରେ ମାଣ୍ଡିଆ ଦିବସ

କୁଆଁରମୁଣ୍ଡା,୧୦।୧୧(ଡି.ଏନ୍.ଏ.)

ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ଦିଶା ସଙ୍ଗଠନ ଆନୁକୂଲ୍ୟରେ ଗୁରୁବାର କୁଆଁରମୁଣ୍ଡା ବ୍ଲକରେ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ବିଶେଷ କରି ପକୁଡି, ଚକୋଲେଟ୍, କେକ୍, ସେଓ ଇତ୍ୟାଦି ଷ୍ଟଲକୁ କୁଆଁରମୁଣ୍ଡା ବିଡିଓ ତୃପ୍ତି ବରେଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଫିତାକାଟି ଉଦ୍‌ଘାଟନ କରିଛନ୍ତି। ବିଡିଓ ବରେଇଙ୍କ ସହ କୁଆଁରମୁଣ୍ଡା ବ୍ଲକ କୃଷି ଅଧିକାରୀ ପବିତ୍ରମୋହନ ସାହୁ, ସିଡିପିଓ ଆନାସ୍ତାସିଆ ଲାକ୍ରା, କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ବିପିଏମ୍ ପ୍ରସନ୍ନ କୁମାର ମୋଦି, ସଂଯୋଜିକ ରଶ୍ମିତା ବେହେରା, ମିଶନଶକ୍ତିର ବିପିସି ନବିନ ଏକ୍କା, ଦିଶାର ସଙ୍ଗଠକ ଏସ.କେ ଅବଦୁଲ୍ଲ, ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ମିଲେଟ୍ ମିଶନର କୁଆଁରମୁଣ୍ଡା ବ୍ଲକ ସଂଯୋଜକ ରମେଶ ଚନ୍ଦ୍ର ମଲ୍ଲିକ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ।


ମାଣ୍ଡିଆ ଦିବସ କାର୍ଯ୍ୟକ୍ରମକୁ ଅତିଥିମାନେ ଫିତାକାଟି ଉଦ୍‌ଘାଟନ କରୁଛନ୍ତି।

## ବାଙ୍କିବାହାଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଡ଼ଗାଁ, ୧୦।୧୧(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବାଙ୍କିବାହାଲ ଗ୍ରାମରେ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ବାଙ୍କିବାହାଲ ଶିବାଜୀ ୟୁଥ କ୍ଲବ ଦ୍ୱାରା ଆୟୋଜିତ ଉକ୍ତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଇଞ୍ଜିନିୟର ଅଜେକ ପ୍ରଧାନ, ସ୍ଥାନୀୟ ୱାର୍ଡ ମେମ୍ବର କିଶୋର ଚନ୍ଦ୍ର ପୃଷେଟ, ଅଶୋକ ଷଡ଼ଙ୍ଗୀ, ଶଙ୍କର ଠେମରିଆ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବଡ଼ଗାଁ ବ୍ଲକର ମୁଣ୍ଡଗାଁ ଓ ସବ୍‌ଡେଗା ବ୍ଲକର ମାନ୍ଦନାବାହାଲ ମଧ୍ୟରେ ହୋଇଛି। ରମେଶ ଚନ୍ଦ୍ର ମାଝୀ, ପିତାମ୍ବର ସାହୁ , ମିଲାନ ହେରେନ ଖେଳ ପରିଚାଳନା କରୁଥିଲାବେଳେ ଆୟୋଜକ କ୍ଲବର ସଦସ୍ୟ ଲିଙ୍ଗରାଜ ପୃଷେଟ, ଯଶୁଦଶ ହେରେନ, ଆମ୍ରିତ ସୋରେନ, ଦେବରାଜ ପୃଷେଟ, ସୁଜିତ ଜୋଜୋ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି। ସୂଚନା ଯୋଗ୍ୟ ଯେ, ୨୦୦୧ରେ ଗ୍ରାମର ଗଣେଶ ସାହୁ, ନିରଞ୍ଜନ ନାଏକ, ତ୍ରିଲୋଚନ ପୃଷେଟ, ପୁରୁଷୋତ୍ତମ ନାଏକ, ଶଙ୍କର ଠେମରିଆ, ମାର୍କଣ୍ଡ ମାଝୀ ପ୍ରମୁଖ ଗ୍ରାମରେ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ


ଶିଶୁମହୋତ୍ସବ 'ମହକ' କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

ସୁନ୍ଦରଗଡ,୧୦।୧୧(ଡି.ଏନ.ଏ)

ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଶିଶୁ ଯତ୍ନକାରୀ ଅନୁଷ୍ଠାନ ଲଭ ସୋସାଇଟି ଡାଣ୍ଟଲି, ରଜାବସା, କୁତ୍ରା ଆନୁକୂଲ୍ୟରେ ବୁଧବାର ଜିଲାସ୍ତରୀୟ ଶିଶୁମହୋତ୍ସବ 'ମହକ' ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ଶିଶୁ ଯତ୍ନକାରୀ ଅନୁଷ୍ଠାନଗୁଡିକୁ ନେଇ ଏହି ଅଭିନବ ଶିଶୁମହୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଶିଶୁ ଯତ୍ନକାରୀ ଅନୁଷ୍ଠାନଗୁଡିକର କୋମଳମତି ବାଳିକା ବାଳକ ନାଚ, ଗୀତ, ତର୍କ, କୁଇଜ ଓ ପେଣ୍ଟିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ବାଳ ସୁଧାର ଗୃହର ଶିକ୍ଷକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସଞ୍ଜିବ ଦାସ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଲଭ ସୋସାଇଟି ଅନୁଷ୍ଠାନର ଅଧ୍ୟକ୍ଷା ଫ୍ରାନସିସ ଏକ୍କା, ଜିଲା ଶିଶୁ ସୁରକ୍ଷା ୟୁନିଟର ଅନନ୍ତ ପେରୁଆ, ବାଲ୍ୟ ନିରାକରଣ ଅଧିକାରୀ ମୀନାକ୍ଷୀ ପ୍ରଧାନ, ମମତାଜ, ଫ୍ରାନସିକା ବିଲୁଙ୍ଗ, ଧୀରେନ ଖେସ, ପାସ୍କଲ ତିର୍କୀ, ସଞ୍ଜିତା ଖେସ, ଦିବ୍ୟା ବିଲୁଙ୍ଗ ପ୍ରମୁଖ ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ହିମାଂଶୁ ଶେଖର


@ ଆନନ୍ଦରାମ


@ ମକୁନ୍ଦ


@ ପ୍ରବୀର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କଲେ ଅଭିଭାବକ

**ମଧ୍ୟାହ୍ନଭୋଜନ ଅର୍ଥ ଆତ୍ମସାତ ଅଭିଯୋଗ**

ଦେବଗଡ଼ ୧୦।୧୧ (ଡି.ଏନ୍.ଏ.)

ତିଳେଇବଣି ବ୍ଲକ କେନ୍ଦେଇଜୁରୀ ସ୍ଥିତ ବରଘାଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୦୨୧-୨୨ କୋଭିଡ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ଅର୍ଥ ଆଜି ପର୍ଯ୍ୟନ୍ତ ପ୍ରଦାନ କରାଯାଉ ନ ଥିବା ପ୍ରତିବାଦରେ ଗୁରୁବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଅଭିଭାବକ ଓ ଗ୍ରାମବାସୀ। ଫଳରେ ବିଦ୍ୟାଳୟରେ ପାଠପଢା ବ୍ୟାଘାତ ହୋଇଛି। ଗ୍ରାମବାସୀ ଓ ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ ବରଘାଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭିନ୍ନ ଅନିୟମିତତା କରି ୨୦୨୧-୨୨ ମସିହା କୋଭିଡ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନ ଟଙ୍କା ଛାତ୍ରୀଛାତ୍ରଙ୍କୁ ପ୍ରଦାନ ନ କରି ହଡ଼ପ କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ପରିଚାଳନା କମିଟି ସମ୍ମୁଖରେ ସ୍ୱୀକାର କରିବା ସହ ଆସନ୍ତା ସେପ୍ଟେମ୍ବର ୨୯ତାରିଖ ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଅର୍ଥ ପ୍ରଦାନ ନ କରିବାରୁ ଗତ ୨୯ତାରିଖ ପରିଚାଳନା କମିଟି ସଦସ୍ୟ, ଗ୍ରାମବାସୀ ଓ ଅଭିଭାବକ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥି ସହିତ ଜିଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ସାକ୍ଷାତ କରି ଲିଖିତ ଭାବେ ଜଣାଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ସୁଫଳ ନ ମିଳିବାରୁ ପୂର୍ବ ଘୋଷଣା ଅନୁଯାୟୀ ଗୁରୁବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ଛାତ୍ରୀଛାତ୍ରଙ୍କ ହଡ଼ପ ଅର୍ଥ ପ୍ରଦାନ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଘୋଷଣା କରିଥିଲେ। ତେବେ ଖବର ପାଇ ମଧ୍ୟାହ୍ନରେ ତିଳେଇବଣି ବ୍ଲକ ଶିକ୍ଷା ଅଧିକାରୀ ସିକେନ୍ଦ୍ର ଛତ୍ରିଆ ଓ ଏବିଡ଼ିଓ ସୁଶାନ୍ତ ସାହୁ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ବିଦ୍ୟାଳୟ ଫାଟକରୁ ତାଲା ଫିଟାଇ ଥିଲେ। ଅନିୟମିତତା ନେଇ ଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଥିବାଜପତ୍ର ପ୍ରଦାନ ପରେ ଆନ୍ଦୋଳନକାରୀ ପ୍ରତ୍ୟାହାର କରିଥିଲେ। ତେବେ ଛାତ୍ରୀଛାତ୍ରଙ୍କ ଅର୍ଥ ପ୍ରଦାନ ନେଇ ଶିକ୍ଷା ବିଭାଗ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଉକ୍ତ ବିଦ୍ୟାଳୟକୁ ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆଲୋଚନା କରିଥିଲେ। ତେବେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଗୁରୁବାର ଅନୁପସ୍ଥିତ ଥିବାରୁ ପୋଲିସ ତଦନ୍ତ କରିପାରି ନାହିଁ।

## ଈଶ୍ୱର ଚନ୍ଦ୍ର ସାହୁ ସଭାପତି ନିର୍ବାଚିତ

ଦେବଗଡ଼ ଆର୍‌ସିଏମ୍‌ଏସ୍ ନିର୍ବାଚନ



ଦେବଗଡ଼,୧୦।୧୧(ଡି.ଏନ.ଏ)

ଦେବଗଡ ଆର୍‌ସିଏମ୍‌ଏସ୍ (ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି)ର ସଭାପତି ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଈଶ୍ୱର ଚନ୍ଦ୍ର ସାହୁ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦୀ ପ୍ରତାପ ପ୍ରଧାନଙ୍କୁ ଗୋଟିଏ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ନିର୍ବାଚନ ଅଧିକାରୀ ତଥା ଏସ୍‌ଆରସିଏସ୍ ନିମାଇଁ ଚରଣ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ନିର୍ବାଚନରେ ସାହୁ ମୋଟ ୮ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦୀ ପ୍ରଧାନ ୭ଟି ଭୋଟ ପାଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେବଗଡ ଆଦର୍ଶ ଥାନା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅବହେଳିତ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଦେବଗଡ ଆର୍‌ସିଏମ୍‌ଏସ୍‌ର ପୁନରୁଦ୍ଧାର ପାଇଁ ଉଦ୍ୟମ କରାଯିବ ବୋଲି ବିଜୟୀ ହେବା ଅବସରରେ ନୂତନ ସଭାପତି ସାହୁ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

## ଦେବଗଡ଼ ଜିଲାରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଦେବଗଡ଼, ୧୦।୧୧(ଡି.ଏନ୍.ଏ.)

ବିଗତ ଦେଢ଼ ବର୍ଷ ହେଲା ଦେବଗଡ ଜିଲାରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ବର୍ଷର ଫେବୃୟାରୀ, ମଇ, ଅଗଷ୍ଟ ଓ ନଭେମ୍ବରର ୧୦ ତାରିଖରେ ପ୍ରତି ପଞ୍ଚାୟତର ଅନୁଷ୍ଠିତ ହୋଇଆସୁଛି। ସେହି କ୍ରମରେ ଗୁରୁବାର ନଭେମ୍ବର ୧୦ ତାରିଖ ଜିଲାର ସମସ୍ତ ଗ୍ରାମ ପଞ୍ଚାୟତରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ ଜିଲା ଘୋଷଣା ପ୍ରକ୍ରିୟାରେ ନିଜ ପଞ୍ଚାୟତକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ ଘୋଷଣା କରିବା, ଆଶୀର୍ବାଦ ଯୋଜନାରେ ସହାୟତା ପାଉଥିବା ସମସ୍ତ ଶିଶୁଙ୍କ ତଦାରଖ, ଶିଶୁ ମିତ୍ର ପଞ୍ଚାୟତ ଗଠନ, ଅଦ୍ୱିକା କାର୍ଯ୍ୟକ୍ରମର ପ୍ରଭାବୀ ରୂପାୟନ ଏବଂ ସୁରକ୍ଷା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କୁ ବିଭିନ୍ନ ସରକାରୀ ଯୋଜନା ସହିତ ଯୋଡିବା ଆଦି ବିଷୟରେ ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାର ସମସ୍ତ ୭୦ ପଞ୍ଚାୟତ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଗ୍ରାମର ଗାଁ କଲ୍ୟାଣ ସମିତି ସରକାରଙ୍କ ନିର୍ଦ୍ଦେଶ ମତେ ଓ ଦେବଗଡ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ କାର୍ଯ୍ୟାଳୟ ଆଦେଶ ଅନୁଯାୟୀ ଏଣିକି ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି ଭାବେ କାର୍ଯ୍ୟ କରିବ।

## ପୁଷ୍ଟିଶସ୍ୟକୁ ଘରେ ଘରେ ପହଞ୍ଚାଇବା ପାଇଁ ମିଶନ ମୋଡ୍‌ରେ କାମ କରାଯିବ

**ଟାଙ୍ଗରପାଲି ବ୍ଲକରେ ମାଣ୍ଡିଆ ଦିବସର ଉଦ୍‌ଘାଟନ**

ସୁନ୍ଦରଗଡ଼,୧୦।୧୧(ଡି.ଏନ୍.ଏ.)

ଗୁରୁବାର ମାଣ୍ଡିଆ ଦିବସ ଅବସରରେ ଟାଙ୍ଗରପାଲି ବ୍ଲକ ପରିସରରେ ଏକ ଖାଦ୍ୟ ମହୋତ୍ସବର ଆୟୋଜନ କରାଯାଇଥିଲା। ଏହି ଖାଦ୍ୟ ମହୋତ୍ସବକୁ ଟାଙ୍ଗରପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ତପସିନୀ ମାଝୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟା ଭୂୟାଁ ଉଦ୍‌ଘାଟନ କରିଥିଲେ। ଏଥିନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାକୁ ସହଯୋଗୀ ସଂସ୍ଥା ସେବକର ଅମିୟ ରଞ୍ଜନ ଲେଙ୍କା ପରିଚାଳନା କରିଥିଲେ। ସର୍ବପ୍ରଥମେ ସେବକର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଦିଗାମ୍ବର ଉପାଧ୍ୟାୟ ମାଣ୍ଡିଆର ସାଂସ୍କୃତିକ ଓ ସ୍ୱାସ୍ଥ୍ୟଗତ ସାମଞ୍ଜସ୍ୟ ଉପରେ ଆଲୋକପାତ କରିଥିଲେ। ଟାଙ୍ଗରପାଲି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଞ୍ଜନା ଭୋଇ ବିଭିନ୍ନ ଅଙ୍ଗନୱାଡି ମାଧ୍ୟମରେ ଶିଶୁମାନଙ୍କୁ କିପରି ପୁଷ୍ଟିଶସ୍ୟ ଖାଇବା ପାଇଁ ପ୍ରୋତ୍ସାହିତ କରାଯାଉଛି ସେ ଉପରେ ଆଲୋଚନା କରିଥିଲେ। ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟା ଭୂୟାଁ ପୁଷ୍ଟିଶସ୍ୟକୁ ଘରେ ପ୍ରତ୍ୟେକ ଥାଳିରେ ପହଞ୍ଚାଇବା ପାଇଁ ମିଶନ ମୋଡରେ କାମ କରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରଦାନ କରିଥିଲେ। ଏହି ଅବସରରେ ବଡ ବେଉଁରାର ଆଇଏମକେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ ପଲଭାଇଜର ମେସିନ ମିଲେଟ ମିଶନ ତରଫରୁ ପ୍ରଦାନ କରାଯାଇଥିଲା। କଦ୍ରୋ-ଲିମ ଗଜବାହିନୀ ଏସ୍‌ଏଚଜି, ଫୁଲୁଡିର ଶିବାନୀ ଏସ୍‌ଏଚଜି, କଅଁରବଗାର ଶୁଭଶ୍ରୀ ଏସ୍‌ଏଚଜି ତରଫରୁ ମାଣ୍ଡିଆରେ ପ୍ରସ୍ତୁତି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ତଥା ବସୁଧା କୃଷକ ସଙ୍ଗଠନ ତରଫରୁ ବିଭିନ୍ନ ପୁଷ୍ଟିଶସ୍ୟର ଉତ୍ପାଦ ଗୁଡିକର ପ୍ରଦର୍ଶନ କରାଯାଇଥିଲା। ସହଯୋଗୀ ଅନୁଷ୍ଠାନ ସେବକ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଠଣସୁନ୍ଦର ଗନ୍ଧା, ବିଶାଳ ବନଛୋର, ସଞ୍ଜୟ ସିଂହ, ଆକାଶ ଚୌଧୁରୀ ଓ ଯଶୋବନ୍ତ ରାଉତ ପ୍ରମୁଖ ଆୟୋଜନ କରିଥିଲେ।



**ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି**

ବେଲପଡା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଆବାହକ ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱ ଓ ସଂଯୋଜକ କିଶୋର କୁମାର ବେହେରାଙ୍କ ପରିଚାଳନାରେ ହୋଇଥିବା ସଭାରେ ବିଆରସିସି ଚତୁର୍ଭୁଜ ମିର୍ଦ୍ଧା, ଏବିଇଓ ଜଗବନ୍ଧୁ ମାଝି ଯୋଗଦେଇଥିଲେ । ଆସନ୍ତା ଡିସେମ୍ବର ୨ ତାରିଖରେ ବେଲପଡା ଦିନବନ୍ଧୁ ମେହେର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି।

## ସଂକ୍ଷେପରେ

### ୮ ଫୁଟ ଲମ୍ବର ଅଜଗର ଉଦ୍ଧାର



ଯୁବଗୋଷ୍ଠୀ ପକ୍ଷରୁ ଉଦ୍ଧାର ସାପ।

**ଲୋଇସିଂହା,୧୦।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ଝାରବନ୍ଧଲି ଗ୍ରାମରୁ ଏକ ଅଜଗର ସାପକୁ ସ୍ଥାନୀୟ ଯୁବ ଗୋଷ୍ଠୀ ସହାୟତାରେ ବନ ବିଭାଗ ଗୁରୁବାର ଉଦ୍ଧାର କରିଛି । ଉଦ୍ଧାର ଅଜଗରକୁ ନିକଟସ୍ଥ ଗାଈଖାଇ ଜଙ୍ଗଲରେ ଛଡାଯାଇଛି । ଉଦ୍ଧାର ଅଜଗରର ଲମ୍ବ ୮ ଫୁଟ ଲମ୍ବ ଏବଂ ଓଜନ ୧୮ କେଜି ଓଜନ ଥିବା କୁହାଯାଇଛି । ସୂଚନା ଅନୁଯାୟୀ, ଗ୍ରାମର ପୋଖରୀ ନିକଟରେ ଥିବା ତେନ୍ତୁଳି ଗଛ ପାଖକୁ ଯାଇଥିବାବେଳେ ଅଜଗରକୁ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ । ବନ ବିଭାଗ କର୍ମଚାରୀ ଓ ସାପ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି ସୁରକ୍ଷିତ ଉଦ୍ଧାର କରିଥିଲେ ।

### ସିଆରପିଏଫଙ୍କ ଜନ ସମ୍ପର୍କ ଶିବିର

**ଖପ୍ରାଖୋଲ,୧୦।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲାଠାରେ ସିଆରପିଏଫ ୧୮୯ ବାଟଲିଅନ ତରଫରୁ ଜନସମ୍ପର୍କ ଶିବିର ଗୁରୁବାର ଆନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କମାଣ୍ଡାଣ୍ଟ ପବନ କୁମାର ତିୱାରୀ, ସମ୍ମାନିତ ଅତିଥି ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରି ପୂଝାରୀ, ଭାନପୁର ସରପଞ୍ଚ ରୀନା ଜାଲ, ମାଟିଆଭଟା ସରପଞ୍ଚ ସନ୍ତୋଷିନୀ ବରିହା, ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ୨୪ ଜଣଙ୍କୁ ପାଣି ଡ୍ରମ ପ୍ରଦାନ କରାଯାଇଥିଲା। ସେହିପରି ଘୁଚାପାଲିଠାରେ ଆୟୋଜିତ ଜନ ସମ୍ପର୍କ ଶିବିରରେ ମଧ ୨୪ ଜଣଙ୍କୁ ଡ୍ରମ ବଣ୍ଟନ କରାଯାଇଥିଲା। ଘୁଚପାଲିରେ ଆୟୋଜିତ କାର୍ଯ୍ୟକ୍ରମକୁ ଖପ୍ରାଖୋଲ ସିଆର୍‌ପିଏଫ ବାଟାଲିଅନ ଇନ୍ସପେକ୍ଟର ବିପୁଳ କୁମାର ରାଏ ପରିଚାଳନା କରିଥିଲେ।

### ଫେରାର ଅଭିଯୁକ୍ତଙ୍କ ଘର ସାମ୍ନାରେ ଡେଙ୍ଗୁରା ପିଟିଲା ପୋଲିସ



ଅଭିଯୁକ୍ତଙ୍କ ଘର ସମ୍ମୁଖରେ ପୋଲିସ ଡେଙ୍ଗୁରା ପିଟି ସୂଚିତ କରୁଛି।

**ଟିଟିଲାଗଡ଼,୧୦।୧୧(ଡିଏନ.ଏ.):** ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଫେରାର ଅପରାଧୀଙ୍କ ତଲାସୀକୁ ନେଇ ଜିଲାରେ ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଟିଟିଲାଗଡ ଏସ୍‌ଡିପିଓ ଅଙ୍କିତା କୁମାର, ଥାନା ଆଇଆଇସି ରଞ୍ଜନ ବରିହା ସହରରେ ଡେଙ୍ଗୁରା ପିଟି ଫେରାର ଅଭିଯୁକ୍ତଙ୍କ ତଲାସ କରିଥିଲେ। ଟିଟିଲାଗଡ ଥାନା ଅନ୍ତର୍ଗତ ଭାଟିପଡାର ମହତାବ ଖର୍ସେଲଙ୍କ ନାମରେ ଟିଟିଲାଗଡ ଏସ୍‌ଡିଜେଏମ ପୂର୍ବରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। ହେଲେ ସେ କୁଆଡେ ଫେରାର ଅଛନ୍ତି। ତାଙ୍କୁ ଅଦାଳତ ପକ୍ଷରୁ ପଳାତକ ଘୋଷଣା କରାଯାଇଛି। ଆସନ୍ତା ୧୫ଦିନ ମଧରେ ଅଭିଯୁକ୍ତ କୋର୍ଟ ସମ୍ମୁଖରେ ହାଜିର ନହେଲେ ତାଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚିତ କରାଯାଇଛି।

### ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବୋଡେନ,୧୦।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ଥାନା ଭଇଁସାଦାନୀ ପଞ୍ଚାୟତ କୋଟଗାଁ ଗ୍ରାମର ଜଣେ ଯୁବକ ବେକରେ ଗାମୁଛା ଲଗାଇ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ରଘୁ ଚିନ୍ଦା (୪୫)। ଶୌଚ ପାଇଁ ଯାଉଥିବା କହି ଘରୁ ବାହାରି ରାତିରେ ଫେର ନ ଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ଖୋଜାଖୋଜି କରି ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳୁ ଗାଁ ପାଖ ଏକ ଲିମ୍ବ ଗଛରେ ରଘୁଙ୍କ ମୃତଦେହ ଝୁଲୁଥିବା ଦେଖି ଲୋକେ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରଘୁଙ୍କ ସ୍ତ୍ରୀଙ୍କ ସହ ୨ ପୁତ୍ର ଓ ଏକ କନ୍ୟା ସନ୍ତାନ ରହିଛନ୍ତି।

# କ୍ଷତିଗ୍ରସ୍ତ ଜମାକାରୀ, ଏଜେଣ୍ଟଙ୍କୁ ପଚରାଉଚରା

**ପିଆଇସିଏଲ୍ ଚିଟ୍‌ଫଣ୍ଡ ଠକେଇ ମାମଲା**

**■ ବୁର୍ଡା ପହଞ୍ଚି ତଦନ୍ତ କଲେ ୩ ଅଧିକାରୀ**

ଲୋଇସିଂହା,୧୦।୧୧(ଡି.ଏନ.ଏ)]

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର କେତେକ ବ୍ୟକ୍ତି ପିଆଇସିଏଲ୍ ଚିଟ୍‌ଫଣ୍ଡ ସଂସ୍ଥାଠାରୁ ଠକେଇର ଶିକାର ହୋଇଛନ୍ତି। ଏନେଇ ସୋମବାର ସେମାନେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଲିଖିତ ଫେରାଦ ହୋଇଥିଲେ। ଚିଟ୍‌ଫଣ୍ଡ ସଂସ୍ଥାଠାରୁ ଟଙ୍କା ଫେରସ୍ତ ଓ ଠକସଂସ୍ଥା ମହିଳା ଏଜେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ପାଇଁ ସେମାନେ ଅନୁରୋଧ କରିଥିଲେ। ଗୁରୁବାର ଜିଲା ପ୍ରଶାସନ ନିର୍ଦ୍ଦେଶରେ ୩ଜଣ ଅଧିକାରୀ ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଠାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ରୀନାକୁମାରୀ ନାଏକ ଉପସ୍ଥିତିରେ ଡା. ଡି.କେ ପତି,ଏନ୍‌ଆର୍‌ଏଚ୍‌ଏମ୍ ଆସିଷ୍ଟାଣ୍ଟ ମ୍ୟାନେଜର ଠକେଇର ଶିକାର ବ୍ୟକ୍ତିଙ୍କଠାରୁ କାଗଜାତ୍ ସଂଗ୍ରହ କରିଥିଲେ। ଏଥିସହ ସଂସ୍ଥା ଏଜେଣ୍ଟ ତଥା ଆଶାକର୍ମୀ ଆଶା ଦୀପଙ୍କୁ ସେମାନେ ପଚରାଉଚରା କରିଥିଲେ। ହେଲେ ତଦନ୍ତକାରୀ ଅଧିକାରୀ ମହିଳା ଏଜେଣ୍ଟଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇପାରି ନ ଥିବା ଜଣାପଡିଛି। ତଦନ୍ତ ବେଳେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଶେଖର ପଧାନ, ପିଏଚଓ ରମେଶ ସାହୁ ଉପସ୍ଥିତ ଥିଲେ।



ଆଶାକର୍ମୀ ତଥା ଏଜେଣ୍ଟଙ୍କୁ ତଦନ୍ତକାରୀ ଅଧିକାରୀ ପଚରାଉଚରା କରୁଛନ୍ତି।

ପିଆଇସିଏଲ ମଲ୍ଟିଷ୍ଟେଟ କ୍ରେଡିଟ କୋଅପରେଟିଭ ସୋସାଇଟି ଲିମିଟେଡ ନାମକ ଏକ ସଂସ୍ଥାର ଏଜେଣ୍ଟ ତଥା ଆଶାକର୍ମୀ ଆଶା ଦୀପ କମ୍‌ଦିନରେ ଟଙ୍କା ଦ୍ୱିଗୁଣ ହେବ ବୋଲି କହି ୨୦୧୫ମସିହାରେ ଗ୍ରାମର କେତେ ଜଣଙ୍କଠାରୁ ମାସିକ ଓ ଫିକ୍ସ ଡିପୋଜିଟ ଖାତା ଖୋଲିଥିଲେ । ୨୦୧୮ମସିହାରେ ଉକ୍ତ ସଂସ୍ଥା ଚିଟ୍‌ଫଣ୍ଡ ତାଲିକାଭୁକ୍ତ ହୋଇଥିଲା। ଏହାସତ୍ତ୍ୱେ ଉପଭୋକ୍ତାଙ୍କ ଅଜ୍ଞତା ଏବଂ ସରଳତାର ସୁଯୋଗ ନେଇ ସମ୍ପୃକ୍ତ ଏଜେଣ୍ଟ ଟଙ୍କା ଆସୁଲ କରୁଥିଲେ । ୨୫ ମାର୍ଚ୍ଚ ୨୦୧୯ରୁ ଜମା ଟଙ୍କା ବାବଦ ପ୍ରିଣ୍ଟ ବଦଳରେ ପାସ୍‌ବୁକରେ ହାତଲେଖା ଆରମ୍ଭ କରିଥିଲେ। କେତେକଙ୍କ ମିଆଦି ପୂରିବା ପରେ ସେମାନେ ମହିଳା ଏଜେଣ୍ଟଙ୍କୁ ଟଙ୍କା ମାଗିଥିଲେ । ହେଲେ ସେ ବିଭିନ୍ନ ବାହାନା ଦେଖାଇ ଧରାଛୁଆଁ ଦେଉ ନ ଥିଲେ । ଠକେଇ ସନ୍ଦେହ କରି ଉପଭୋକ୍ତା ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ସମ୍ପୃକ୍ତା ମହିଳା ଏଜେଣ୍ଟ ଜଣକ କେତେକ ଉପଭୋକ୍ତାଙ୍କ ରଖିଥିବା ପାସ୍‌ବୁକ ଫେରାଇବାକୁ ଲେଖି ଦେଇଥିଲେ । ହେଲେ ପୋଲିସର ଢିଲା ପଦକ୍ଷେପ ଯୋଗୁ ତାହ ମଧ୍ୟ ହୋଇ ପାରି ନ ଥିଲା। ଶେଷରେ ପୋଲିସଠାରୁ ନ୍ୟାୟ ନ ପାଇଁ ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ସେମାନେ ଫେରାଦ ହୋଇଥିଲେ। ଗ୍ରାମର ରଜନୀ ନନ୍ଦ ୨ଟି ପର୍ଯ୍ୟାୟରେ ୧ଲକ୍ଷ ୬୦ ହଜାର ଟଙ୍କା ଫିକ୍ସ ଜମା କରିଥିବା କହିଛନ୍ତି। ସେହିପରି ଲକ୍ଷ୍ମୀ ସାହୁ, ଲୋପାମୁଦ୍ରା ନାଗ, ନାରାୟଣ ରଣା, ପ୍ରେମଶୀଳା କନ୍ଦେରଙ୍କ ପରି ବହୁ ବ୍ୟକ୍ତି ଠକେଇର ଶିକାର ହୋଇଥିବା କହିଛନ୍ତି।

# ଲୋକେ ଖାଇଲେ ମାଣ୍ଡିଆରେ ପ୍ରସ୍ତୁତ ମିଷ୍ଟାନ୍ନ




ମାଣ୍ଡିଆ ତିଆରି ଖାଦ୍ୟ ଷ୍ଟଲ ନିକଟରେ ଅତିଥିମାନେ।

ଖପ୍ରାଖୋଲ,୧୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସମ୍ମୁଖରେ ଓଡିଶା ମିଲେଟ ମିଶନ, ମିଶନ ଶକ୍ତି, ୱାଇସିଡିଏ ଓ ଆତ୍ମା ବଲାଙ୍ଗୀରର ମିଳିତ ଉଦ୍ୟମରେ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାଣ୍ଡିଆରେ ପ୍ରସ୍ତୁତ ୧୦ ପ୍ରକାରର ମିଷ୍ଟାନ୍ନ ମାଲପୁଆ, ଗୁଲାପଜାମୁନ, ଲଡ୍ଡୁ, ସିଙ୍ଗଡ଼ା, ବରା, ଆଲୁଚପ, ମାଣ୍ଡିଆ ଚା, ବାଜାରାରେ ପ୍ରସ୍ତୁତ କାକାରା ପିଠା, ଗୁର୍ଜି କ୍ଷୀରି, ବିସ୍କୁଟ, ମିକ୍ସଚର ପ୍ରଦର୍ଶିତ ହେବା ସହ ଲୋକଙ୍କୁ ଖାଇବାକୁ ଦିଆଯାଇଥିଲା। ବୁଧବାର ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷା ନିରୂପମା ପଟେଲ, ଜିଲା ପରିଷଦ ସଭ୍ୟା ପ୍ରମିଳା ପାଥର, ବ୍ଲକ କୃଷି ଅଧିକାରୀ ଉମ୍ବରୁଧର ମେହେର ଯୋଗଦେଇ ଖୁଦ୍ର ଶସ୍ୟରେ ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ଉପରେ କହିଥିଲେ। ଦ୍ୱିତୀୟ ଦିନରେ ବିଡିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ, କନିଷ୍ଠ ଯନ୍ତ୍ରୀ ସରିତା କୁଜୁର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ୱାଇସିଡିଏ ବ୍ଲକ ସଂଯୋଜ ହେମବତୀ ନନ୍ଦନ ବେହେରା, ଉମେଶ ଗୁପ୍ତା, ଫକୀର ସାହୁ, ବାସନ୍ତୀ ମୁଣ୍ଡା, ସଦାନନ୍ଦ ବାଗ, ଭୋଜରାଜ ବରିହା, ପୁରନ୍ଦର ବନଛୋର୍ ପ୍ରମୁଖ ପରିଚାଳନା କରିଥିଲେ।

# ସକାରାତ୍ମକ ଦୃଷ୍ଟିଭଙ୍ଗୀ ସମାଜରେ ସ୍ଥିରତା ଆଣେ




ଏସ୍‌ସିଏ କ୍ଲବ୍ ବାର୍ଷିକ ଉତ୍ସବରେ ନିମନ୍ତ୍ରିତ ଅତିଥି ଏବଂ ସମ୍ବର୍ଦ୍ଧିତ ପ୍ରତିଭା।

**ସାଗରପଡା ଏସ୍‌ସିଏ କ୍ଲବ୍‌ର ବାର୍ଷିକ ଉତ୍ସବ**

ବଲାଙ୍ଗୀର ଅଫିସ,୧୦।୧୧

ବଲାଙ୍ଗୀର ସାଗରପଡାସ୍ଥିତ ସୋସିଓ କଲଚରାଲ ଆସୋସିଏଶନ (ଏସ୍‌ସିଏ) କ୍ଲବ୍‌ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥିଭାବେ ଯୋଗଦେଇ ସଂଘବଦ୍ଧ ସକରାତ୍ମକ ଦୃଷ୍ଟିଭଙ୍ଗୀ ସମାଜରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ସହ ଉନ୍ନତମାନର ଜୀବନ ଜୀଇଁବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ବଲାଙ୍ଗୀର ବ୍ଲକ୍ ଅଧକ୍ଷା ସରିତା ବାଗ ଯୋଗଦାନ କରିଥିଲେ। ପୌରାଧକ୍ଷା ସାହୁ କ୍ଲବ୍‌ର ଗଠନମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବ୍ଲକ୍ ଅଧକ୍ଷା ବାଗ ସମସ୍ତଙ୍କ ସହଯୋଗରେ ଉନ୍ନତି ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ଅଚ୍ଯୁତାନନ୍ଦ ମେହେର, ସ୍ତ୍ରୀରୋଗ ବିଶେଷଜ୍ଞ ଡା ସୁଜ୍ଞାନେନ୍ଦ୍ର ମିଶ୍ର, ମନୋରଞ୍ଜନ ଯୋଷୀ, ପ୍ରଭାକର ମିଶ୍ର, ଗୋପାଲଜୀ ପାଣିଗ୍ରାହୀ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସଭା ସଂଯୋଜନା କରିଥିଲେ। ୧୯୮୨ ମସିହାରେ ଏହି କ୍ଲବ୍ ସ୍ଥାପନ ହୋଇଥିଲା। ସେଦିନଠାରୁ ଏହି କ୍ଲବ୍ ସାଗରପଡାରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରିଆସୁଛି।

# ଶିଶୁ ମହୋତ୍ସବ ମହକ କାର୍ଯ୍ୟକ୍ରମ

ଖଡ଼ିଆଳ,୧୦।୧୧(ଡି.ଏନ.ଏ.)

ନୂଆପଡା ଜିଲାପାଳ ହେମାକାନ୍ତ ସାଏ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଭୂପେନ୍ଦ୍ର ସିଂଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଖଡ଼ିଆଳ କସ୍ତୁରବା ବାଳାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଯତ୍ନ ଅନୁଷ୍ଠାନଗୁଡିକରେ ରହୁଥିବା ଶିଶୁଙ୍କୁ ନେଇ ମହକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀରେ ଡିସିପିଓ କାର୍ଯ୍ୟାଳୟର ଶ୍ରୀନିବାସ ବେହେରା ଓ ସୁଧୀର କ୍ଷେତ୍ରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନିୟ ବିଡିଓ ନାରାୟଣ ସାହୁ ଓ ଏନ୍‌ଏସି ଅଧକ୍ଷ ଉଜ୍ଜଳ ଗୁପ୍ତା, କୁମୁଦ କୁମାର ହୋତା, ଅହଲ୍ୟା ପୂଝାରୀ ପ୍ରମୁଖ ଯୋଗଦେଇଥିଲେ। କସ୍ତୁରବା ବାଳାଶ୍ରମର ପ୍ରିୟଦର୍ଶିନୀ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅର୍ଚ୍ଚନା ପାଢ଼ୀ ଧନ୍ୟବାଦ ଦେଇଥିଲେ। ଶିଶୁମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରିୟଙ୍କା ସିଂ, ଭାରତୀ ସାହୁ, ଭାଗ୍ୟଲକ୍ଷ୍ମୀ, କାଜଲ ଛୁରା, ଦେବାଶିଷ ତାଣ୍ଡି, ଚନ୍ଦ୍ରମଣି ମହାନନ୍ଦ, ପୂର୍ଣ୍ଣମୀ ପଟେଲ, ସୁଶ୍ରୀମୟୀ ବିଭାର, ମାଳା ଶବର ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ।

# ମାଣ୍ଡିଆ ପ୍ରସ୍ତୁତ ୯ ପ୍ରକାର ଖାଦ୍ୟ ପ୍ରଦର୍ଶିତ



ଖୋଲିଥିବା ମାଣ୍ଡିଆ ଷ୍ଟଲ ନିକଟରେ ଏସ୍‌ଏଚ୍‌ଜି ମହିଳା ଓ ଆୟୋଜକ।

ମୁରିବାହାଲ, ୧୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ମାଣ୍ଡିଆ ଦିବସ ଗୁରୁବାର ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପାଳିତ ହୋଇଯାଇଛି। ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନିୟ ଅତିଥିଭାବେ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ତହସିଲଦାର ସୋନାଲି ପାତ୍ର, ଏଏଓ ଅମୃତ ଲୁଗୁନ, ମୁରିବାହାଲ ଥାନା ଅଧିକାରୀ କମଳ ଲୋଚନ ବେହେରା, ଏଭିଏସ ଭବାନୀ ଶଙ୍କର ବେହେରା, ଆତ୍ମା ଅଧକ୍ଷ ସୁରେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାବେଜୁରୀର ଏସ୍‌ଏଚ୍‌ଜି, ରାଣୀ ଲକ୍ଷ୍ମୀବାଇ ଏସ୍‌ଏଚ୍‌ଜି, ଜଏତରାରର ବଷ୍ଟେନ ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ମାଣ୍ଡିଆରେ ପ୍ରସ୍ତୁତ ୯ ପ୍ରକାର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଆଶା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପାଦକ ଭାସ୍କର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ଲଳିତ ମୋହନ ବାଗ, ସୋମନାଥ ଯୋଶୀ ସହଯୋଗ କରିଥିଲେ। ଏଥିପୂର୍ବରୁ ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଛାତ୍ରୀଛାତ୍ରମାନେ ମଣ୍ଡିଆ ସମ୍ପର୍କିତ ଏକ ସଚେତନା ଶୋଭାଯାତ୍ରା କରିଥିଲେ। ଆଶା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଆତ୍ମା ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ନେଇ ବିଡିଓଙ୍କଠାରେ ଅଭିଯୋଗ

ଲାଞ୍ଜିଗଡ଼,୧୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତ ସରପଞ୍ଚ ରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ମନମୁଖି କାର୍ଯ୍ୟକୁ ନେଇ ସମସ୍ତ ୧୩ଟି ୱାର୍ଡମେମ୍ବର, ନାଏବ ସରପଞ୍ଚ ଓ ସମିତି ସଭ୍ୟା ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କଠାରେ ଲିଖିତ ଭାବେ ଜଣାଇଛନ୍ତି। ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ୱାର୍ଡରେ କାମ ଜାରି ରହିଥିବା ବେଳେ ତାହା ଅତିନିମ୍ନମାନର ହେବା ସହ କୌଣସି ୱାର୍ଡମେମ୍ବର କିମ୍ବା ନାଏବ ସରପଞ୍ଚଙ୍କ ସହିତ ଆଲୋଚନା ନ କରି ନିଜ ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ୱାର୍ଡମେମ୍ବର ଓ ନାଏବ ସରପଞ୍ଚ ବିଡିଓଙ୍କଠାରେ ଅଭିଯୋଗ କରିଛନ୍ତି। ଫଳରେ ପଞ୍ଚାୟତ ଅଧୀନରେ ହେଉଥିବା କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ତଦାରଖ କରାଯାଉନାହିଁ। ସୂଚନା ମତେ ଦୀର୍ଘ ୬୮ ବର୍ଷ ହେଲା ଲାଞ୍ଜିଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ନାହିଁ। ପଞ୍ଚାୟତର ନିଜସ୍ୱ ଗୃହ ନ ଥିବାରୁ ପଞ୍ଚାୟତରେ ବୈଠକ ମଧ ହୋଇପାରୁନାହିଁ। ଫଳରେ ବିଭିନ୍ନ ଉନ୍ନତିମୂଳକ କାମ ହୋଇ ପାରୁନାହିଁ। ଅନ୍ୟପକ୍ଷରେ ୨୦୦୮ରୁ ୧୨ ପର୍ଯ୍ୟନ୍ତ ସରସ୍ୱତୀ ସରପଞ୍ଚ ରହିଥିବା ବେଳେ ପୁଣି ଲାଞ୍ଜିଗଡ଼ବାସୀ କିଛି ଭଲ କାମ କରିବ ବୋଲି ଦ୍ୱିତୀୟ ଥର ମୁଣ୍ଡାଙ୍କୁ ଚୟନ କରିଛନ୍ତି। ବର୍ତ୍ତମାନ ତାଙ୍କ ମନମୁଖୀ କାର୍ଯ୍ୟ କଳାପ ଯୋଗୁ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଏହାର କୌଣସି ପ୍ରତିକାର ନ ହେଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ଲାଞ୍ଜିଗଡ଼ ସମିତି ସଭ୍ୟା ସୁମତି ମାଝି, ନାଏବ ସରପଞ୍ଚ ହରିକୃଷ୍ଣ ହରିଜନ, ଲାଞ୍ଜିଗଡ଼ ୧୩ ୱାର୍ଡମେମ୍ବର ମାନସିନୀ ମୁଣ୍ଡା, ରଞ୍ଜିତା ନାଗ, ମମତା ନାଏକ, ସୁଲଚନା ବଣୁଆ, ସଞ୍ଜୁ ମାଝି, ରାଜୀବ ମାଝି, ଉମା ହରିଜନ, ଧନିଆ ମାଝି, କମଳି ମାଝି ଓ ରାଜି ମାଝିଙ୍କ ସମେତ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ୱାର୍ଡମେମ୍ବର, ନାଏବ ସରପଞ୍ଚ ଓ ସମିତି ସଭ୍ୟା ବୃନ୍ଦ ।

# ଚାଷୀଙ୍କୁ ଅଧିକ ମୂଲ୍ୟ ମିଳିବାକୁ ପ୍ରାଥମିକତା

**ଜିଲାସ୍ତରୀୟ କପାକ୍ରୟ କମିଟି ବୈଠକ**

ବଲାଙ୍ଗୀର ଅଫିସ, ୧୦।୧୧

ବଲାଙ୍ଗୀର ଜିଲାସ୍ତରୀୟ କପାକ୍ରୟ କମିଟି ବୈଠକ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚଳିତବର୍ଷ ଜିଲାର ଚାଷୀମାନେ କିଭଳି ସୁରୁଖୁରରେ କପା ବିକ୍ରୟ କରିପାରିବେ ଏବଂ ସେମାନଙ୍କୁ କିଭଳି ଉଚିତ୍ ମୂଲ୍ୟ ମିଳିପାରିବ ସେନେଇ ଆଲୋଚନା ହୋଇଥିଲା। ଚଳିତବର୍ଷ ଜିଲାର ଚାଷୀମାନେ ଯେଭଳି କପା ବିକ୍ରୟ କରି ଅଧିକ ମୂଲ୍ୟ ପାଇବେ ସେଦିଗରେ ପ୍ରାଥମିକତା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବଲାଙ୍ଗୀର ଜିଲା ଏବେ ସମଗ୍ର ରାଜ୍ୟସ୍ତରରେ କପାଚାଷରେ ଏକ ଅଗ୍ରଣୀ ଜିଲା ଭାବେ ପରିଗଣିତ। ଜିଲାରେ ଉତ୍କୃଷ୍ଟ କପା ଉତ୍ପାଦନ ହେଉଥିବାରୁ କପା କ୍ରୟବିକ୍ରୟ ପ୍ରକ୍ରିୟାକୁ ସୁଗମ ଓ ସହଜ କରିବା ଉପରେ ଜୋର ଦିଆଯାଇଥିଲା। କ୍ରପାକ୍ରୟ ବୈଠକରେ କପା ଅମଳ, ପ୍ରକ୍ରିୟାକରଣ ଏବଂ ମୂଲ୍ଯ ନିର୍ଦ୍ଧାରଣ ଦିଗରେ ବିଭିନ୍ନ ସହଭାଗୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ଭୂମିକାକୁ ନେଇ ଆଲୋଚନା ହୋଇଥିଲା।

ଜିଲାପାଳ ରାଣା କହିଥିଲେ ଯେ, କପାକ୍ରୟ ସମୟରେ ଜିଲାର ଚାଷୀ ହିଁ ପ୍ରାଥମିକତା ବୋଲି ସ୍ପଷ୍ଟ କରିଥିଲେ। ଭାରତୀୟ କପା କର୍ପୋରେଶନ୍ (ସିସିଆଇ) ନିର୍ଦ୍ଧାରିତ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୬୩୮୦ ଟଙ୍କାକୁ ସୁନିଶ୍ଚିତ କରିବା ସହ ବଜାର ମୂଲ୍ୟରେ ଚାଷୀ ଯେଭଳି ଅଧିକ ଲାଭବାନ ହେବ ସେଦିଗରେ ଜିଲା ପ୍ରଶାସନ, ବିଭାଗୀୟ ଅଧିକାରୀ ଏବଂ ଆନୁସଙ୍ଗିକ ସଂସ୍ଥା ପ୍ରାଥମିକତା ଦେବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଜିଲାର ଚାଷୀମାନେ ଆର୍ଥିକ ଦିଗରୁ ଅଧିକ ଲାଭବାନ ହେଲେ ଏହା ପ୍ରକାରାନ୍ତରେ ଜିଲା ଅର୍ଥନୀତିକୁ ପରିପୁଷ୍ଟ କରିବ। ଜିଲା, ରାଜ୍ୟ ବା ରାଜ୍ୟ ବାହାର ଯେକୌଣସି ବ୍ୟକ୍ତି ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଠାରୁ ଅଧିକ ଦାମ ଦେଇ କିଣିଲେ ତାକୁ ସ୍ୱାଗତ କରାଯିବ। ତେବେ ରାଜ୍ୟ ବାହାର ବ୍ୟବସାୟୀ ଯେଉଁମାନେ ସିଧାସଳଖ ଚାଷୀଙ୍କଠାରୁ କପା କିଣିବେ ସେମାନଙ୍କ ଗତିବିଧି ନିରୀକ୍ଷଣ କରାଯିବ ବୋଲି ଜିଲାପାଳ ରାଣା କହିଥିଲେ। ଏଦିଗରେ କୃଷି ବିଭାଗ କାମ କରିବ। ଜିଲାର ବଲାଙ୍ଗୀର, ପାଟଣାଗଡ ଏବଂ କଣ୍ଟାବାଞ୍ଜି ଠାରେ ଥିବା ତିନି ଆରଏମ୍‌ସିରେ ମଣ୍ଡି ଖୋଲାଯିବ। ସେଠାରେ ମଧ ଚାଷୀମାନେ କପା ବିକ୍ରୟ କରିପାରିବେ। ଏବେ ସିସିଆଇ ନିର୍ଦ୍ଧାରିତ ମୂଲ୍ୟଠାରୁ ବଜାର ମୂଲ୍ୟ ଢ଼େର ଅଧିକ ରହିଥିବାରୁ ଏଦିଗରେ ଚାଷୀଙ୍କୁ ଜିଲାବ୍ୟାପୀ ସଚେତନ କରାଯିବ ବୋଲି କହିଥିଲେ। ଖୋଲା ବଜାରରେ କପା ମୂଲ୍ୟ ଅଧିକ ରହିଥିବାରୁ ରାଜ୍ୟ ବାହାର ବ୍ୟବସାୟୀ କପା କ୍ରୟ କରିବାକୁ ଜିଲାକୁ ଆସୁଛନ୍ତି। ଏଭଳି ସ୍ଥଳରେ ଜିଲାର ଜିନିଂ ମିଲ ଗୁଡିକ ଯେଭଳି ସୂଚାରୁରୂପେ କାର୍ଯ୍ୟକ୍ଷମ ହେବ ସେଦିଗରେ ମଧ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଆସନ୍ତା ୨୧ ତାରିଖରୁ ଜିଲାରେ କପା କ୍ରୟ ଆରମ୍ଭ ହେବ ବୋଲି କୁହାଯାଇଛି। ଶ୍ରୀ ଅମ୍ବିକା ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ ପ୍ରୋପାଇଟର ଅରୁଣ ଅଗ୍ରୱାଲ କପାଚାଷ, କ୍ରୟ ଏବଂ ଜିନିଂ ମିଲର୍ସଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗକୁ କମିଟି ବୈଠକରେ ଉଠାଇଥିଲେ। ମିଲର୍ସମାନେ ଉଠାଇଥିବା ବିଭିନ୍ନ ବିଷୟକୁ ମଧ ଜିଲାପାଳ ରାଣା ଆନ୍ତରିକତାର ସହ ଶୁଣି ଏଦିଗରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଜିଲାପାଳ ରାଣାଙ୍କ ସହ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଉପଜିଲାପାଳ କୁମାର ନାଗଭୂଷଣ, ଟିଟିଲାଗଡ ଉପଜିଲାପାଳ ମନୋଜ ମହାଜନ, ପାଟଣାଗଡ ଉପଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାଣି, କପା ବିଷୟବସ୍ତୁ ବିଶେଷଜ୍ଞ ବିଦ୍ୟାଧର ସାହୁ, କପା ଓଭରସିଅର ଯଶୋବନ୍ତ କୁମାର ନାଏକ, ଜିଲା କୃଷକ ମହାସଂଘ ସଭାପତି ଯତି ପ୍ରଧାନ, ସଂଯୋଜକ ମଧୁସୂଦନ କ୍ଷେତି, ବିଭିନ୍ନ କପା ମିଲର୍ସ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ କପାକ୍ରୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

# ବୀମା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଚାଷୀ

ପଦ୍ମପୁର,୧୦।୧୧(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଚାଷୀଙ୍କୁ ବୀମାରାଶି ମିଳୁ ନ ଥିବାରୁ ଏହାର ପ୍ରତିବାଦରେ ସେମାନେ ଆନ୍ଦୋଳନ ଚଳାଇଛନ୍ତି। ଏହି କ୍ରମରେ ଗୁରୁବାର ପାଇକମାଳ, ଝାରବନ୍ଧ ଓ ପଦ୍ମପୁର ବ୍ଲକର ଚାଷୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିନିଧି ମଣ୍ଡଳୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେବା ସହ ସେମାନଙ୍କ ଦାବିକୁ ଖୁବଶୀଘ୍ର ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏହି ପ୍ରତିନିଧି ମଣ୍ଡଳୀରେ


ନବୀନ ନିବାସରେ ପଦ୍ମପୁର ଅଞ୍ଚଳର ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି।

ପଦ୍ମପୁର କୃଷି ସମବାୟ ସମିତି ସଭାପତି ପ୍ରିତମ ମେହେର, କିଶୋର ଦେବତା, ନାରାୟଣ ସାହୁ, ଜୟନ୍ତ ପାଣିଗ୍ରାହୀ, ସୁଦାମ ଚରଣ ଦାଶ, ଲବଣୀ ନାଗ, ନନ୍ଦଲାଲ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### କଇରୁ ବାବାଙ୍କ ରାସ ଉତ୍ସବ

ଉଲୁଣ୍ଡା,୧୦।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତର ବଡମାଲଠାରେ କଇରୁ ବାବାଙ୍କ ରାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରମ୍ପରାକ୍ରମେ ବାବାଙ୍କ ମଠରେ ଶହଶହ ବର୍ଷ ଧରି ଜଳୁଥିବା ଅଖଣ୍ଡ ଧ୍ୱନୀ ଦର୍ଶନ ପାଇଁ ଶ୍ରଦ୍ଧାଳୁ ସମାଗମ ହୋଇଥିଲା। ଏହି ଅବସରରେ ଗଉଡିୟ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ସମାଜସେବୀ କୃତିବାସ ମିଶ୍ର, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, ପଞ୍ଚମହଲା ସରପଞ୍ଚ ଅଶୋକ ପଣ୍ଡା ଯୋଗଦେଇଥିଲେ। ଆୟୋଜକ ସଭାପତି ଶୁଧାଂଶୁ ଶେଖର ମିଶ୍ର, ଉପସଭାପତି ବିଦେଶୀ ହୋତା, ସମ୍ପାଦକ ପ୍ରଦୀପ ପୁରୋହିତଙ୍କ ସମେତ ବାବାଙ୍କ ବହୁ ଭକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଜେଡିରେ ମିଶିଲେ ପୂର୍ବତନ ସରପଞ୍ଚ

ପଦ୍ମପୁର, ୧୦।୧୧(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅଧୀନ ପୁରେନା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ ବେହେରା ଓ ତାଙ୍କ ସ୍ତ୍ରୀ ସରପଞ୍ଚ ପ୍ରାର୍ଥିନୀ ପିଙ୍କି ବେହେରାଙ୍କ ସମେତ ଶତାଧିକ ମହିଳାପୁରୁଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ସର୍ଗିବାହାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ବାବୁଲୁ ବହିଦାର ଏବଂ ବରିହାପାଲିର ସମିତି ସଭ୍ୟ ଶ୍ରୀକାନ୍ତ ସାହୁ ମଧ ତାଙ୍କର ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦାନ କରିଛନ୍ତି। ଏହି ସମୟରେ ବିଧାୟକ ସୁଶାନ୍ତ ସିଂହ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କ ଚକ୍ଷୁ ଚିକିତ୍ସା ଶିବିର

ବାଉଁଶୁଣୀ,୧୦।୧୧(ଡି.ଏନ.ଏ.): ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ସ୍ୱାସ୍ଥ୍ୟବିଭାଗ ଓ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ସୁନେତ୍ର ପକ୍ଷରୁ ଛାତ୍ରୀଛାତ୍ରଙ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୩ଟି କ୍ଲଷ୍ଟରର ୨୮୬ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧରୁ ୩୬ ଜଣଙ୍କୁ ମାଗଣାରେ ଚଷମା ଦିଆଯିବ ବୋଲି ସୂଚନା ମିଳିଛି। ଏହାଛଡା ଉଚ୍ଚତର ଚିକିତ୍ସା ପାଇଁ ୩ ଜଣଙ୍କୁ ଡାକ୍ତରଖାନା ପଠାଯିବ। ଏହି ଶିବିରରେ ଡା.ବଲ୍ଲଭ ଚନ୍ଦ୍ର ପ୍ରଧାନ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିବା ବେଳେ ବିଜୟ କାନ୍ତ ମହାପାତ୍ର, ସନ୍ତୋଷ କୁମାର ବରଡା ସହଯୋଗ କରିଥିଲେ। ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆ ଶିବିର ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଚମ୍ପେଶ୍ୱର ଜାଲଙ୍କ ସମେତ ସମସ୍ତ ଶିକ୍ଷକ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କଣ୍ଟାମାଳ ବ୍ଲକର କଣ୍ଟାମାଳ ହାଇସ୍କୁଲ ଠାରେ ଅନୁଷ୍ଠିତ ଶିବିରରେ ୨୩୬ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧରୁ ୬୪ ଜଣ ଛାତ୍ରୀଛାତ୍ରଙ୍କୁ ଚଷମା ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି ଶିବିରକୁ କଣ୍ଟାମାଳ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଦୁର୍ଗା ଚରଣ ପ୍ରଧାନ ଉଦ୍‌ଘାଟନ କରିଥିଲେ ।

# ରାଜ୍ୟସ୍ତରୀୟ ସୁରଭି: ବୀରମହାରାଜପୁରର ୨ବିଦ୍ୟାର୍ଥୀ

ଅମରପାଲି,୧୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଦୁଇଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ବହଳପଦର କ୍ଲଷ୍ଟର ଅମରପାଲି ସରକାରୀ ୟୁପି ସ୍କୁଲ ସପ୍ତମ ଶ୍ରେଣୀ ଛାତ୍ର ଆର୍ଯ୍ୟନ ସାହୁ କନିଷ୍ଠ ବର୍ଗ ଚିତ୍ରାଙ୍କନ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ବୁଠିପଦର କ୍ଲଷ୍ଟର ଅନ୍ତର୍ଗତ ବୁଠିପଦର ୟୁପି ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ଲଭଲି ପ୍ରଧାନ ବରିଷ୍ଠ ବର୍ଗ ବିତର୍କ ପ୍ରତିଯୋଗୀତା ପାଇଁ ରାଜ୍ୟସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ଆସନ୍ତା ୧୪, ୧୫ ଓ ୧୬ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବେ। ଚିତ୍ରାଙ୍କନ ପାଇଁ ଚଳିତ ବର୍ଷର ବିଷୟ ମୋ ସ୍ୱପ୍ନର ବିଦ୍ୟାଳୟ ହୋଇଥିବା ବେଳେ ଆର୍ଯ୍ୟନ ଅମରପାଲି ୟୁପିରେ ହୋଇଥିବା କ୍ଲଷ୍ଟରସ୍ତରୀୟ ସୁରଭିରେ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରକୁ ମନୋନୀତ ହୋଇଥିଲେ। ବୀରମହାରାଜପୁର ବ୍ଲକ ଟାଙ୍ଗରସାହି ସ୍କୁଲରେ ହୋଇଥିବା ବ୍ଲକସ୍ତରୀୟ ସୁରଭିରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସୁବର୍ଣ୍ଣପୁର ମହାରଜା ହାଇସ୍କୁଲରେ ହୋଇଥିବା ଜିଲାସ୍ତରୀୟ ସୁରଭିରେ ସେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।


ଆର୍ଯ୍ୟନ ପ୍ରଧାନ


ଲଭଲି ପ୍ରଧାନ

ବରିଷ୍ଠ ବର୍ଗ ବିତର୍କରେ ଚଳିତ ବର୍ଷର ବିଷୟ ବିଦ୍ୟାଳୟରେ ଉତ୍ତମ ଭିତ୍ତିଭୂମି ଆନନ୍ଦଦାୟୀ ଶିକ୍ଷଣ ପଇଁ ଏକାନ୍ତ ଆବଶ୍ୟକ ଥିଲା। ଏଥିରେ ବୁଠିପଦର ୟୁପି ସ୍କୁଲର ଛାତ୍ରୀ ଲଭଲି ପ୍ରଧାନ ସୁବର୍ଣ୍ଣପୁରରେ ହୋଇଥିବା ଜିଲାସ୍ତରୀୟ ସୁରଭିରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ସେ ଉଭୟ କ୍ଲଷ୍ଟରସ୍ତରୀୟ ଓ ବ୍ଲକସ୍ତରୀୟ ସୁରଭିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉକ୍ତ ଛାତ୍ରୀଛାତ୍ରଙ୍କୁ ଉଭୟ ସ୍କୁଲର ପ୍ରଧାନଶିକ୍ଷକ ଘନଶ୍ୟାମ ମେହେର ଓ ଦୁଃଖିଶ୍ୟାମ ଭୋଇଙ୍କ ସହ ସିଆରସିସି ଅଜିତ କୁମାର ନାଏକ, ପ୍ରଦୀପ ଜଗଦଲା ଓ ବିଇଓ ଶାନ୍ତନୁ କୁମ୍ଭକାର ଶୁଭକାମନା ଜଣାଇଛନ୍ତି।

# ଅନୁସନ୍ଧିତ୍ସୁ ହୁଅନ୍ତୁ ଛାତ୍ରୀଛାତ୍ର

ସୋନପୁର,୧୦।୧୧(ନି. ପ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ବିଜ୍ଞାନ ଦିବସ ଅବସରରେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଭରତ ହରିପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାତ୍‌ଚକ୍ରରେ କୈରାଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ କିଶୋର ସାହୁ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନ ଓ ତା'ର ଉପାଦେୟତା ଏବଂ ମାନବ କଲ୍ୟାଣରେ ବିଜ୍ଞାନର ଯୋଗଦାନ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ଜୀବନରେ କିପରି ବିଜ୍ଞାନର ସଦୁପଯୋଗ କରିବେ ସେଥିନେଇ ସାହୁ ପରାମର୍ଶ ଦେଇଥିଲେ। ଆଲୋଚନା ଚକ୍ରକୁ ଶିକ୍ଷକ ହୃଷୀକେଶ ଚାନ୍ଦ ପରିଚାଳନା କରି ଛାତ୍ରୀଛାତ୍ରଙ୍କୁ ଅନୁସନ୍ଧିତ୍ସୁ ହେବାପାଇଁ ପରାମର୍ଶ ଦେଇଥିଲେ।



ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ବିଶ୍ୱ ବିଜ୍ଞାନ ଦିବସ ଅବସରରେ ଆଲୋଚନା ଚକ୍ର**

ଛାତ୍ରୀ ପ୍ରଗତିକା ଭୋଇ, ସୁନେଲି ସାହୁ, ସୋନାଲିକା ପଧାନ, ତ୍ରିଲୋଚନ ପେରା, ଥବିର ବେହେରା ଓ ସାଗତିକା ସାହୁ ଆଲୋଚନାରେ ଅଂଶଗ୍ରହଣ କରି ମତ ରଖିଥିଲେ। ଶିକ୍ଷକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶିବରାମ ଚାନ୍ଦ, ଦିଲ୍ଲୀପ ପଣ୍ଡା, ଝରଣା ବିଶ୍ୱାଳ, ସତ୍ୟବାନ ମେହେର ଓ ପରିଚାଳନା କମିଟି ସଭାପତି ଗୋପାଳ ଶତପଥୀ ସହଯୋଗ କରିଥିଲେ।

# ପରିଚାଳନା ପାଇଁ ଗଠିତ ହେଲା କମିଟି

**ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ**

ଅମରପାଲି,୧୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଡିସେମ୍ବର ୨୭ରେ ହେବ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ। ଏହାର ପରିଚାଳନା ପାଇଁ ଗୁରୁବାର ସ୍ଥାନୀୟ ବ୍ଲକ ସଭାଗୃହରେ ଏନେଇ ଏକ ବୈଠକ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ସତ୍ୟଞ୍ଜିବ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କମିଟିର କାର୍ଯ୍ୟକାରୀ ସଭାପତି ନାରାୟଣ ଲୁହାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବୀରମହାରାଜପୁର ରେଭନ୍ୟୁ ଅଧିକାରୀ ଅଜିତ କୁମାର ମିର୍ଦ୍ଧା, ତହସିଲଦାର ବିବୁଧ ଗଣନାୟକ, ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଳାମଣୀ ଭୋଇ,ଏବିଡିଓ ପୁରୁଷୋତ୍ତମ ଧରୁଆ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଥାନା ଅଧିକାରୀ ପଦ୍ମାସିନୀ ମେହେର,ଅଗ୍ନିଶମ ଅଧିକାରୀ ଭରତଲାଲ ଏକ୍କା, ପ୍ରାଣୀ ଚିକିତ୍ସକ ଡା.ସ୍ୱାଗତିକା ମିଶ୍ର, ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ବଳରାମ ମାଝି, ଡା.ଦୀପଙ୍କର କର୍ମୀ ,କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କମିଟି ଉପଦେଷ୍ଟା ଡ.ପ୍ରଫୁଲ୍ଲ ରଥ, ଭୂଷଣ ପାତ୍ର, ଯୁଗଳ କିଶୋର ମିଶ୍ର, କୋଷାଧକ୍ଷ ତଥା ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା ଧନୁଯାତ୍ରା ସଫଳ ପରିଚାଳନା ପାଇଁ ମତ ରଖିଥିଲେ। ଏହି ଅବସରରେ ମହୋତ୍ସବ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଥିଲା।

# କେନାଲ ତଳମୁଣ୍ଡ ପରିଦର୍ଶନ କଲେ ତେଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ


ପରିଦର୍ଶନ ସମୟରେ ବିଭାଗୀୟ ଅଧିକାରୀ ଓ ଚାଷୀ।

ଅମରପାଲି,୧୦।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହରିହର ଯୋର କେନାଲ ତଳମୁଣ୍ଡରେ ଥିବା ୮ନମ୍ବର ପାଣି ପଞ୍ଚାୟତ ଚାଷ ଜମିକୁ ବୁଲି ଦେଖିଲେ ତେଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ୀ। ପରିଦର୍ଶନ ସମୟରେ ସେ ପାଣି ପାଞ୍ଚାୟତ ଅଧୀନରେ ଥିବା ଲାତୁରପେଟ, ବାଗମାରୀ, ଚମ୍ପାମାଲ, ଭଲିଆପଦର, ଝାରକୁମୁଣ୍ଡା, ଗୌଡକେଲା, ଉଫୁଲାର ଜଳସେଚନ ବ୍ୟବସ୍ଥା ଉପରେ ଅବଗତ ହୋଇଥିଲେ। ବିଭିନ୍ନ ଅସୁବିଧାକୁ ଆଗାମୀ ଦିନରେ ସୁଧାର ଆଣି ଚାଷୀଙ୍କୁ ପାଣି ପହଞ୍ଚାଯାଇ ପାରିବ ବୋଲି ସେ ପ୍ରକାଶ କରିଥିଲେ। ଉକ୍ତ ପାଣିପାଞ୍ଚାୟତର ସମୁଦାୟ ୮୪୪. ୧୨ ହେକ୍ଟର ଚାଷ ଜମି ରହିଥିବାବେଳେ ପରିଦର୍ଶନ ସମୟରେ କେନାଲ ଜବରଦଖଲ, ବିଭିନ୍ନ ଆଉଟ ଲେଟ(ସୋଠ)ଭାଙ୍ଗି ଯାଇଥିବା ଦେଖିବାକୁ ପାଇଥିଲେ। ଉକ୍ତ ପରିଦର୍ଶନ ସମୟରେ ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ଜେନା, ବିଭାଗୀୟ ଯନ୍ତ୍ରୀ ସମୀରକାନ୍ତ ସିଂ, ଚାଷୀନେତା କିଶୋର ହୋତା, ଉପସ୍ଥିତ ଥିଲେ । ଆସନ୍ତା ୧୬ ନଭେମ୍ବରରେ ଏକ ମିଳିତ ତଦାରଖ କରାଯିବ ବୋଲି ପାଣିପାଞ୍ଚାୟତ ସମ୍ପାଦକ ହୋତା ସୂଚନା ଦେଇଛନ୍ତି। ଏଥିରେ ଜଳସେଚନ ବିଭାଗ, କୃଷି, ରାଜସ୍ୱ ବିଭାଗ ମିଳିତଭାବେ ତଦାରଖ କରିବେ ବୋଲି ଜଣାପଡିଛି।

# ଚୋରଙ୍କୁ ଗିରଫ ଦାବିରେ ରାସ୍ତାରୋକୋ


ଉର୍ଲେ ଚୌକିଜୋରଠାରେ ଲୋକେ ରାସ୍ତାରୋକୋ କରିଛନ୍ତି।

ବିନିକା, ୧୦।୧୧ (ଡି.ଏନ.ଏ.)

**ଚରଦା ମନ୍ଦିରରୁ ଚୋରି ଘଟଣା**

ସୁବର୍ଣ୍ଣପୁର ଜିଲା ବିନିକାର ପ୍ରସିଦ୍ଧ ଶୈବପୀଠ ଚରଦା ମନ୍ଦିରରୁ ୨ଥର ଚୋରି ହୋଇ ସାରିଲାଣି। ହେଲେ ଚୋର ଧରା ପଡୁନାହିଁ। ମାମଲା ରୁଜୁ କରି ପୋଲିସ ଚୁପ୍ ବସୁଛି। ମନ୍ଦିର ପରିଚାଳନା କମିଟି ଓ ସେବାୟତମାନେ ଏନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ବିନିକା–ସୋନପୁର ରାସ୍ତାର ଉର୍ଲେ ଚୌକିଜୋରଠାରେ ସକାଳ ୭ ଟାରେ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ବିନିକା ଆଇଆଇସି ପବିତ୍ର କୁମାର ସାହୁ, ତହସିଲଦାର ମୁକ୍ତେଶର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ଚୋରଙ୍କୁ ଧରିବା ପାଇଁ ପୋଲିସ ୨୫ଦିନ ସମୟ ମାଗିଥିଲା। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

ପାଇକମାଳ,୧୦।୧୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେଶନ ପରିସରରେ ଗୁରୁବାର ବିଦ୍ୟୁତ ବିଭାଗ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକମାଳ ଓ ଝାରବନ୍ଧ ବ୍ଲକର ୪୦ଜଣ ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ। ଭରତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଡ ଶତପଥି ମୁଖ୍ୟ ଅତିଥି, ଗାନ୍ଧୀ ବାଗ, ଆଦିକନ୍ଧ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମଚାରୀମାନଙ୍କୁ ଉପଦେଶ ଦେଇଥିଲେ। ସଭାପତି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଦ୍ୱିକା ଜୀବନଶୈଳୀ ଶିକ୍ଷା ତାଲିମ ଶିବିର

ସୋନପୁର,୧୦।୧୧(ନି. ପ୍ର.)

ସୋନପୁର ବ୍ଲକ ମିଶନ ଶକ୍ତି ଗୃହ ପରିସରରେ ଜିଲ୍ଲାସ୍ତରୀୟ ଅଦ୍ୱିକା ଜୀବନ ଶୈଳୀ ଶିକ୍ଷା ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ତାଲିମ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନିଶି ପୁନମ ମିଞ୍ଜ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାସ, ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ଜିଲ୍ଲା ସଂଯୋଜକ ରାକେଶ ପ୍ରଧାନ( ୟୁନିସେଫ ଓ ଆକ୍ସନଏଡ଼ ) ଯୋଗ ଦେଇଥିଲେ। ଅତିଥି ବୃନ୍ଦ ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ପୋଷଣ ଖାଦ୍ୟ, ଆନେମିଆ, ବାଲ୍ୟ ବିବାହ ନିଷେଧ, ସ୍ୱଚ୍ଛତା, ଲିଙ୍ଗ ନିରୂପଣ ଏବଂ ଲିଙ୍ଗଗତ ବୈଷମ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଶିବିରରେ ୟୁଏନଏଫପିଏରୁ ଭାରତୀ ମହାପାତ୍ର ଯୋଗଦେଇ ମହିଳା ସୁପରଭାଇଜର ଓ ସିଡିପିଓମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ୬ଟି ବ୍ଲକରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗର ସମସ୍ତ ସୁପରଭାଇଜର ଓ ସିଡିପିଓ ଯୋଗ ଦେଇଥିଲେ।



ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ୪ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ମାଛମରାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଘଟଣା**

ଅମରପାଲି,୧୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ବଡକିରାସିରା ଗାଁରେ ୨୦୧୨ ମସିହାରେ ମାଛମରାକୁ କେନ୍ଦ୍ର କରି ୨ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଗାଁର ସାନ ନାଏକ, ସତ୍ୟ ନାଏକ, ଜ୍ୟୋତି ନାଏକ ଓ ୟୁଜେଷ୍ଟି ନାଏକ ପ୍ରତିପକ୍ଷ ସାହେବ ପଧାନ ଓ ନିରଞ୍ଜନ ପଧାନଙ୍କୁ ମରଣାତ୍ମକ ଆକ୍ରମଣ କରିଥିବା ନେଇ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ବୀରମହାରାଜପୁର ସହକାରୀ ଦୌରାଜଜ ଗୁରୁବାର ୪ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଦେଇଛନ୍ତି। ସରକାରଙ୍କ ପକ୍ଷରୁ ମଧୁସୂଦନ ଆଚାର୍ଯ୍ୟ ଏବଂ ଅଭିଯୁକ୍ତ ନାଏକ ପରିବାର ତରଫରୁ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦବାକ ମାମଲା ପରିଚାଳନା କରୁଥିଲେ।

# ଆଞ୍ଚଳିକ ଧନୁଯାତ୍ରା ପାଇଁ କଂସ ବରଣ


ଗୋପାଳ ସାହୁଙ୍କୁ କଂସ ଭାବେ ବରଣ କରାଯାଉଛି।

ଅମରପାଲି,୧୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହେବାକୁ ଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ଗୁରୁବାର କଂସ ବରଣ କରାଯାଇଛି। ନଭେମ୍ବର ୨୭ରୁ ହେବାକୁ ଥିବା ଉକ୍ତ ଧନୁଯାତ୍ରାର ପ୍ରଥମ ସଂସ୍କରଣରେ ବରଗଡ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଗୋପାଳ ସାହୁ(ଏଲି )ଏଠାରେ କଂସ ଭୂମିକାରେ ଅଭିନୟ କରିବେ। ଏନେଇ ଗୁରୁବାର ଧନୁଯାତ୍ରା ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ନାରାୟଣ ଲୁହା, ସମ୍ପାଦକ ଶିବାନନ୍ଦ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସୁରୁ ନାରାୟଣ ମହାକୁର, ସହସମ୍ପାଦକ ଦୁର୍ଗେଶ ପଣ୍ଡା, ଚମ୍ପାମାଲ ସମିତିସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ଉପଦେଷ୍ଟା କମିଟି ସଦସ୍ୟ ଡ. ପ୍ରଫୁଲ୍ଲ କୁମାର ରଥ, ବିଷ୍ଣୁ ଚରଣ ପଣ୍ଡା, ଯୁଗଳ କିଶୋର ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ଦ୍ୱିତିକୃଷ୍ଣ ପଣ୍ଡା, ବିପିନ ପଣ୍ଡା, ମଧୁସୂଦନ ପଣ୍ଡା ଏବଂ ମନୋରଞ୍ଜନ ଦାସ ପ୍ରମୁଖ ଗୋପାଳ ସାହୁଙ୍କ ବରଗଡସ୍ଥିତ ବାସଭବନକୁ ଯାଇ ବରଣ କରିଛନ୍ତି ।

## ପାର୍କ ପାଇଁ ଭୂମି ପୂଜନ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ସଦର ଗ୍ରାମପଞ୍ଚାୟତ ପକ୍ଷରୁ ଗ୍ରାମ୍ୟ ପ୍ରମୋଦ ଉଦ୍ୟାନ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ବୋଡେନ ପାତାଳଗଙ୍ଗା ରାସ୍ତାର କର୍ଲାପଡା ଛକ ପାଖରେ ପାର୍କ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ବିଡିଓ ପ୍ରିୟରଞ୍ଜନ କୁମାର, ସରପଞ୍ଚ ରଶ୍ମିତା ସିହ୍ନା, ସଚେତନ ନାଗରିକ ମଞ୍ଚ ସଭାପତି ଭୁବନେଶ୍ୱର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ସତ୍ୟ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନନ୍ଦକିଶୋର ପାଢ଼ୀ ପ୍ରମୁଖଙ୍କ ଉପସ୍ଥିତିରେ ଝାଙ୍କର ମନ ମାଝି ପୂଜା ଅର୍ଚ୍ଚନା କରିଥିଲେ। ବହୁ ଦିନରୁ ପ୍ରତୀକ୍ଷିତ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ଭୂମି ପୂଜନ ପରେ ସାଧାରଣ ଲୋକେ ଖୁସିବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ତେଲଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ବୋଡେନ,୧୦।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ଥାନା ସୁନାପୁର ପଞ୍ଚାୟତ କେଶରାଜପୁର ଗ୍ରାମର ଜଣେ ଦାଦନ ଶ୍ରମିକ ସୁରେଶ ଜଗତ(୨୯)ଙ୍କ ତେଲଙ୍ଗାନାରେ ମୃତ୍ୟୁ ଘଟିଛି। ମୃତଦେହ ଆଣିବାକୁ ପରିବାର ପାଖରେ ସମ୍ବଳ ନ ଥିବା ବେଳେ ବୃଦ୍ଧ ପିତାମାତା ପୁଅ ଓ ନାବାଳକ ଶିଶୁ ମୃତ ବାପାଙ୍କ ମୁହଁ ଦେଖିବାକୁ ଅନେଇ ବସିଛନ୍ତି। କେଶରାଜପୁର ଗ୍ରାମର ଭୁବନେଶ୍ୱର ଜଗତଙ୍କ ପୁଅ ସୁରେଶ ତେଲଙ୍ଗାନାର ସିକନ୍ଦରାବାଦ୍ ଜିଲାର ଗୋପାଲପୁରମ୍ ରେଲୱେ ଷ୍ଟେଶନ୍ ନିକଟ ଏକ ଘରୋଇ କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। କାମ କରି ସେ ବିଭିନ୍ନ ସମୟରେ ଘରକୁ ଟଙ୍କା ମଧ ପଠାଉଥିଲେ। ଦୀର୍ଘ ଦିନ ହେଲା ସୁରେଶ ସେଠାରେ କାମ କରି ଆସୁଥିବା ବେଳେ ହଠାତ୍ ବୁଧବାର ବୋଡେନ ଥାନାରୁ ସୁରେଶଙ୍କ ମୃତ୍ୟୁ ହୋଇଥିବା ଖବର ପରିବାର ଲୋକଙ୍କୁ ଦିଆଯାଇଥିଲା। ସୁରେଶଙ୍କ ପରିବାରରେ ସ୍ତ୍ରୀଙ୍କ ସହ ଦୁଇ ସନ୍ତାନ ଓ ବୃଦ୍ଧ ମା'ବାପା ଅଛନ୍ତି। ଭୁବନେଶ୍ୱର ଗରିବ, ବୃଦ୍ଧ ତଥା ନିରକ୍ଷର ହୋଇଥିବାରୁ ସିକନ୍ଦରାବାଦ୍ ଯାଇ ଶବ ଆଣିବା ତାଙ୍କ ପକ୍ଷେ ସମ୍ଭବ ନାହିଁ। ଜିଲା ପ୍ରଶାସନ ସୁରେଶଙ୍କ ମୃତଦେହ ଆଣିବାରେ ସହାୟତା କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ପ୍ରବାସୀ ଶ୍ରମିକଙ୍କ ସଚେତନ ରଥ ଶୁଭାରମ୍ଭ

**ଖଡ଼ିଆଳ,୧୦।୧୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରୁ ପ୍ରବାସୀ ଶ୍ରମିକଙ୍କ ସଚେତନ ରଥ ଖଡ଼ିଆଳ ବ୍ଲକ ପରିକ୍ରମା କରିବ। ଗୁରୁବାର ସଚେତନ ରଥ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଉଦ୍‌ଘାଟନ କରିଥିଲେ। ଉଦଘାଟନ ଉତ୍ସବରେ ବିଡିଓ ନାରାୟନ ସାହୁ, ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ସାମାଜିକ କର୍ମୀ ମନୋଜ କୁମାର ଦୀପ, ଭାରତୀୟ ମଜଦୁର ସଂଘ ସଭାପତି ପ୍ରଦୀପ କୁମାର ଦଣ୍ଡସେନା ପ୍ରମୁଖ ସବୁଜ ପତାକା ଦେଖାଇ ସଚେତନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବ୍ଲକର ୩୧ଟି ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିବ। ନିଜ ନାମ ପଞ୍ଜୀକୃତ କରି ରାଜ୍ୟ ବାହାରେ ନିୟୋଜିତ ହେବାକୁ ଏହି ରଥ ସଚେତନ କରିବ।

### ଆକ୍ରମଣ ସହ ଘର ପୋଡ଼ି, ଜେଲ ଗଲେ ୨ ଭାଇ

**କୋକସରା,୧୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଡଙ୍ଗରିଗୁଡା ଗ୍ରାମରେ ସାମାନ୍ୟ କଥା ନେଇ ୨ଭାଇ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ସହ ଘରେ ନିଆଁ ଲଗାଇ ଦେଇଛନ୍ତି। ଏ ନେଇ ଥାନାରେ ପୀଡିତ ଯୁବକ ପୁରନ୍ଦର ସୁରିଙ୍କ ସ୍ତ୍ରୀ ସରିତା ସୁରି ବୁଧବାର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ୨ଭାଇଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କିଶୋର ଚନ୍ଦ୍ର ମାଝି (୩୧) ଓ ପୂର୍ଣ୍ଣଚନ୍ଦ୍ର ମାଝି (୨୮)। ସୂଚନା ଅନୁସାରେ ଡଙ୍ଗରିଗୁଡା ଗ୍ରାମର ପୁରନ୍ଦର ସୁରି (୩୧)ଙ୍କୁ ଉକ୍ତ ଗ୍ରାମର କିଶୋର ଓ ପୂର୍ଣ୍ଣଚନ୍ଦ୍ର ୨ ଭାଇ କୌଣସି ଘଟଣାକୁ ନେଇ ଉତ୍ତ୍ୟକ୍ତ ହୋଇ ମଙ୍ଗଳବାର ରାତିରେ ଆକ୍ରମଣ କରିବା ସହ ଘରେ ନିଆଁ ଲଗାଇ ଦେଇଥିଲେ। ଆକ୍ରମଣରେ ପୁରନ୍ଦରଙ୍କ ମୁଣ୍ଡ ଫାଟି ଗଭୀର କ୍ଷତ ହେବା ସହ ଘର ଆସବାବପତ୍ର ଧାନ, ଚାଉଳ, ବାଇକ୍, ସାଇକେଲ ପୋଡି ଯାଇଛି। ଏ ନେଇ ପୀଡିତ ପରିବାର ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ ଏକ ମାମଲା (ନଂ.୨୭୯/୨୨) ରୁଜୁ କରି ୨ ଭାଇଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି ।

### ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ

**ନୂଆପଡ଼ା ଅଫିସ,୧୦।୧୧:** ନୂଆପଡାସ୍ଥିତ ଗରିବସେନା ସଙ୍ଗଠନ ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଏକ ଦଳ ମୃତ ଛାତ୍ରୀ ହିତେଶ୍ୱରୀଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଅଭିଯୋଗର ୧୦ ମାସ ଭିତରେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଠାବ କରି ପାରି ନ ଥିଲା। ପୋଲିସ ଚାହିଁଥିଲେ ମୋବାଇଲ ଟ୍ରାକ କରି ତଦନ୍ତ କରି ପାରିଥାନ୍ତା। କାହିଁକି କଲାନାହିଁ। ବେନାମୀ ଚିଠି ମାଧ୍ୟମରେ ରହସ୍ୟ ଉନ୍ମୋଚନ କରିଛି ବୋଲି ପ୍ରଶ୍ନ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଏଟ୍ରୋସିଟି ଆକ୍ଟ ଲଗାଇ କଠୋର କାର୍ଯ୍ୟାନୁଷ୍ଠାନ ସହ ପୀଡିତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ସଙ୍ଗଠନର ଗଦାଧର ମାଝି, ମହେନ୍ଦ୍ର ପଟେଲ, ଗୋବିନ୍ଦ ସାହୁ, ତେଜରାମ ସାହୁ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଜିଲାପାଳଙ୍କ ପ୍ରଥମ ଥର ମାଓବାଦୀପ୍ରବଣ ଅଞ୍ଚଳ ଗସ୍ତ

**ଲାଞ୍ଜିଗଡ,୧୦।୧୧(ଡି.ଏନ.ଏ.)**

### ବିଭିନ୍ନ ସମସ୍ୟା ନେଇ ଆଦିବାସୀଙ୍କ ସହ କଲେ ଅଲୋଚନା


ଜିଲାପାଳ ସ୍ଥାନୀୟ ଆଦିବାସୀଙ୍କ ସହ ଆଲୋଚନା କରୁଛନ୍ତି।

କଳାହାଣ୍ଡି ଜିଲା ମାଓବାଦୀପ୍ରବଣ ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ଫୁଲଡୁମେର ଗାଁକୁ ଗୁରୁବାର ପ୍ରଥମ ଥର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଗସ୍ତ କରିଛନନ୍ତି। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ କୌଣସି ଜିଲାପାଳ ମାଓବାଦୀପ୍ରବଣ ଅଞ୍ଚଳରେ ପାଦ ଦେଇ ନ ଥିବା ବେଳେ ପ୍ରଥମ ଥର ପାଇଁ ଜିଲାପାଳ ରେଡ୍ଡୀ ଏହି ଅଞ୍ଚଳ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ନିୟମଗିରୀ ଉପରେ ବାସ କରୁଥିବା ହରିଡାଗୁଡା, କୁନାକାଡ୍ଡୁ, ପାଲବେରୀରେ ରହୁଥିବା ଆଦିବାସୀମାନେ ଫୁଲଡୁମେରଠାରେ ଏକତ୍ରିତ ହୋଇ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ। ପ୍ରଥମ ଥର ଜିଲାପାଳ ଏହି ଅଞ୍ଚଳକୁ ଗସ୍ତ କରିଥିବା ବେଳେ ଦୁର୍ଗମ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲୋହରି ଖେଳି ଯାଇଥିଲା। ସେଠାରେ ବାସ କରୁଥିବା ଡଙ୍ଗରିଆ ଓ ଝରଣିଆ ଆଦିବାସୀମାନେ କିଭଳି ଚଳୁଛନ୍ତି, ତାଙ୍କର ବଞ୍ଚିବା ଶୈଳି, ସରକାରଙ୍କ ବିଭିନ୍ନ ମୌଳିକ ସୁବିଧା ପାଇ ପାରୁଛନ୍ତି କି ନାହିଁ ସେ ନେଇ ଡଙ୍ଗରିଆ ଓ ଝରଣିଆ ଆଦିବାସୀଙ୍କ ସହ ଆଲୋଚନା କରିଥିଲେ। ଫୁଲଡୁମେରରେ ନିର୍ମାଣ ହେଉଥିବା ଗୋଟାରି ହଷ୍ଟେଲ ମଧ୍ୟ ସେ ପରିଦର୍ଶନ କରିଥିବା ବେଳେ ଏହି ଅଞ୍ଚଳରେ କଣ ସବୁ ସମସ୍ୟା ଅଛି ଲୋକେ ସରକାରଙ୍କ ମୌଳିକ ସୁବିଧାରୁ କିଭଳି ବଞ୍ଚିତ ନ ହେବେ ସେ ନେଇ କାମ କରିବା ପାଇଁ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିୟମଗିରିର ଅପରୁପ ସୌନ୍ଦର୍ଯ୍ୟ ଦେଖି ସେ ପ୍ରଶଂସା କରିଥିଲେ। ପରେ ତ୍ରିଲୋଚନପୁରକୁ ଗସ୍ତ କରି ଅଙ୍ଗନୱାଡ କେନ୍ଦ୍ରରେ ଚାଲିଥିବା ପ୍ରାକ ବିଦ୍ୟାଳୟ କାର୍ଯ୍ୟକ୍ରମ, ବିକେନ୍ଦ୍ରିକରଣ ଓ ଗର୍ଭବତୀଙ୍କୁ ଛତୁଆ ଓ ଅଣ୍ଡା କେମିତି ବଣ୍ଟନ ହେଉଛି ତାହାର ତଦାରଖ କରିଥିଲେ। କିଛି ସମୟ ଅଙ୍ଗନୱାଡି ଶିଶୁମାନଙ୍କ ସହ ବିତାଇବା ପରେ ତ୍ରିଲୋଚନପୁର ପଞ୍ଚାୟତ କାର୍ଯ୍ୟାଳ ଗସ୍ତ କରି ପଞ୍ଚାୟତ କୋଠା ଓ ସ୍କୁଲ ରୂପାନ୍ତିକରଣ କାର୍ଯ୍ୟ ତଦାରଖ କରିଥିଲେ। ସେଭଳି ଲାଖବାହାଲି, ବେନଗାଁ ଓ ଭଟ୍ଟାଙ୍ଗପଦର ସ୍କୁଲ ଗସ୍ତ କରି ବିଭିନ୍ନ ସମସ୍ୟା ଉପରେ ଅଲୋଚନା କରିଥିଲେ। ଏହି ଗସ୍ତରେ ବ୍ଲକ ଅଧକ୍ଷା କମଳା ପାତ୍ର, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, କୁଟିଆକନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ମ୍ୟାନେଜର ଲୋମ୍ବଧର ପ୍ରଧାନ, ତ୍ରିଲୋଚନପୁର ସରପଞ୍ଚ ଲକ୍ଷ୍ମୀ ମାଝି, ଯନ୍ତ୍ରୀ ଗଲୋକ ବିହାରୀ ଭୋଇ, ତ୍ରିଲୋଚନପୁର ନିର୍ବାହି ଅଧିକାରୀ ତାପସ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସର୍ବାଧିକ ପୁରସ୍କାର ପାଇଲେ କଳାହାଣ୍ଡି ଛାତ୍ରୀଛାତ୍ର



କୃତୀ ଛାତ୍ରୀଛାତ୍ରଙ୍କ ସହ ଗାଇଡ଼ ଶିକ୍ଷକ।

**ଭବାନୀପାଟଣା,୧୦।୧୧(ସ୍ୱ.ପ୍ର.)**

### ଜୋନାଲସ୍ତରୀୟ କଳାଉତ୍ସବ

ବଲାଙ୍ଗୀରରେ ଗୁରୁବାର ଆୟୋଜିତ ଜୋନାଲସ୍ତରୀୟ କଳାଉତ୍ସବରେ କଳାହାଣ୍ଡିର ଛାତ୍ରୀଛାତ୍ର ସର୍ବାଧିକ ୧୭ଟି ପୁରସ୍କାର ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀଛାତ୍ରଙ୍କ ଭିତରେ ଥିବା କଳାର ପରିସ୍ଫୁଟନ ପାଇଁ ଭାରତ ସରକାରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କାର୍ଯ୍ୟକ୍ରମରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ କଳାଉତ୍ସବରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ୧୦ଟି ପ୍ରତିଯୋଗିତାରେ ବାଳକ ଓ ବାଳିକା ବିଭାଗରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୭ଟି ପୁରସ୍କାର ମଧ୍ୟରୁ ପ୍ରଥମ ୮, ଦ୍ୱିତୀୟ ୭ ଓ ତୃତୀୟ ୩ଟି ପୁରସ୍କାର ରହିଛି। ଉଭୟ ବାଳକ ଓ ବାଳିକା ବିଭାଗର ଶାସ୍ତ୍ରୀୟ ସଙ୍ଗୀତରେ ହର୍ଷିତ ଚାନ୍ଦ ଓ ଅନିନ୍ଦିତା ଠାକୁର ପ୍ରଥମ, ଲୋକସଙ୍ଗୀତରେ ବିନିତ୍ ମେହେର ପ୍ରଥମ, ଚିନ୍ମୟୀ ଛୁରା ଦ୍ୱିତୀୟ, ଶାସ୍ତ୍ରୀୟ ବାଦନ ପ୍ରତ୍ୟୁଷ ଠାକୁର ତୃତୀୟ, ମେଲୋଡିରେ ଡେଭିଡ ନାଏକ ଦ୍ୱିତୀୟ, ଆସ୍ଥା ଜୈନ ପ୍ରଥମ, ଶାସ୍ତ୍ରୀୟ ନୃତ୍ୟରେ ପଙ୍କଜରାଜ ପୁରୋହିତ ପ୍ରଥମ, ଜାଗୃତି କୁମାର ପ୍ରଥମ, ଲୋକନୃତ୍ୟରେ ବିଭୂତି ମଲ୍ଲିକ ପ୍ରଥମ, ଲୋପାମୁଦ୍ରା ବାଗ ତୃତୀୟ, ଚିତ୍ରକଳା ୨ଡିରେ ଜ୍ୟୋତିମୟୀ ବେଣୁପାଣି, ୩ଡିରେ ଟଙ୍କଧର ହରିଜନ ପ୍ରଥମ, ନିଝରା ସୁନାନି ଦ୍ୱିତୀୟ, ପାରମ୍ପରିକ ଖେଳ ଓ ଖେଳନାରେ ମୃତ୍ୟୁଞ୍ଜୟ ମାଝି ତୃତୀୟ, ଏକାକିଙ୍କାରେ ସୌମ୍ୟରଞ୍ଜନ ମାଝି ତୃତୀୟ, ଲୋରିନା ବାଗ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ କେସିଙ୍ଗା ବିଦ୍ୟାପୀଠ ବେଣ୍ଡପାର୍ଟି ୨ୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ପକ୍ଷରୁ ଗାଇଡ ଭାବେ ଶିକ୍ଷକ ତିଲେଶ୍ୱର ରଣା, ଜିତେନ୍ଦ୍ର ବିଶାଳ, ସନ୍ତୋଷ ଆଚାର୍ଯ୍ୟ, ଅମ୍ରି ଜାଲ ଉପସ୍ଥିତ ଥିବାବେଳେ ବେଷ୍ଟର ଗାଇଡଶିକ୍ଷକ ଭାବେ ଅନ୍ତର୍ଜାତିକ ଫୁଟବଲ ରେଫରି ତଥା ଖେଳ ଶିକ୍ଷକ ନବୀନ ନାଏକ ଓ ବିଭୂତି ପ୍ରଧାନ ଉପସ୍ଥିତ ଥିଲେ।

### ଲାଞ୍ଜିଗଡ଼ରେ ମାଣ୍ଡିଆ ଦିବସ ପାଳିତ

**ଲାଞ୍ଜିଗଡ,୧୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର କୃଷି କାର୍ଯ୍ୟାଳୟଠାରେ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ବିଶ୍ୱନାଥପୁର କୃଷି କାର୍ଯ୍ୟାଳୟରେ ଜିଲା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଜନସାହାଯ୍ୟ ସହାୟତାରେ ମହାସମାରୋହରେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଉଦ୍‌ଘାଟନ କରି ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ଏଥିରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ମାଣ୍ଡିଆର ଉପକାରିତା ବିଷୟରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲ। ଏହି ଷ୍ଟଲରେ କାଙ୍ଗୁ, କୋଷଲା, କୋଦୋ, ମକା, ମୁଗ, ବିରି ଆଦି ଦ୍ରବ୍ୟ ପ୍ରଦର୍ଶନ କରାଯାଇଥିଲା। ସମସ୍ତେ ଯେଭଳି ମାଣ୍ଡିଆ ଚାଷ କରି ଲାଭ ଦାୟକ ହୋଇପାରିବେ ସେ ନେଇ ପ୍ରୟାସ ଜାରି ରହୁ ବୋଲି ଜିଲାପାଳ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱେଚ୍ଛାସେବୀ ସଂସ୍ଥା ଜନସାହାଯ୍ୟ ସମ୍ପାଦିକା ସୀତାଦେବିଙ୍କ ତତ୍ତ୍ୱାବଧାନରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ତହସିଲଦାର ମିନିନ୍ଦ୍ର ହୁଁନ୍ନାଗାଁ, କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ, ଆଞ୍ଚଳିକ ଏଗ୍ରି ପ୍ରଡୁସର ଅଧକ୍ଷ ପରମାନନ୍ଦ ରଣା, ବ୍ଲକ ଅଧକ୍ଷା କମଳା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏସ୍‌ଜି ମହିଳା ବିଶେଷ ସହଯୋଗ କରିଥିଲେ। ଜନସାହାଯ୍ୟ ପକ୍ଷରୁ ମିଲେଟ ମିଶନର ବ୍ଲକ ପ୍ରକଳ୍ପ ସଂଯୋଜକ ପୁର୍ଣ୍ଣେନ୍ଦୁ ପଣ୍ଡା, ଉପ ପ୍ରକଳ୍ପ ସଂଯୋଜକ ସୁବାଷ ନାଏକ, ରତ୍ନାକର ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ହିମାଂଶୁ ଶେଖର


@ ଆନନ୍ଦରାମ


@ ମକୁନ୍ଦ


@ ପବୀର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦାବି

**କେସିଙ୍ଗା,୧୦।୧୧(ଡି.ଏନ.ଏ.)**

- ୱାର୍ଡବାସୀଙ୍କ ଥାନା, ଏନ୍‌ଏସିରେ ଅଭିଯୋଗ
- ସମାଧାନ ନ ହେଲେ ଜାତୀୟ ରାଜପଥ ଅବରୋଧ ଚେତାବନୀ

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ୱାର୍ଡ ନଂ. ୧ଓ ୨ର ୱାର୍ଡବାସୀ ଦୈନିକ ଯିବାଆସିବା ମୁଖ୍ୟ ରାସ୍ତା ଓ ସରକାରୀ ଜମି ଜବରଦଖଲ କରାଯାଇଛି। ଓଡିଶା ରାଇସ ମିଲ ମାଲିକ ଜବରଦଖଲ କରିଥିବାରୁ ଗମନାଗମନରେ ୱାର୍ଡବାସୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ୧ ଓ ୨ ନଂ.ର ୱାର୍ଡବାସୀଙ୍କ ସମେତ କାଉନସିଲରବୃନ୍ଦ ଗୁରୁବାର ସନ୍ଧ୍ୟାରେ ବଗାଡ଼ରୁ ଏକ ମୋଟରସାଇକେଲ ରାଲିରେ ବାହାରି କେସିଙ୍ଗା ଥାନାଧିକାରୀ ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ସରକାରୀ ରାସ୍ତା ଉଚ୍ଛେଦ କରିବା ପାଇଁ ଲିଖିତ ଭାବେ ଦାବି କରିଛନ୍ତି। ଏହି ରାସ୍ତା ଉଚ୍ଛେଦ ପାଇଁ ଏନ୍‌ଏସି ପକ୍ଷରୁ ଗତ ୨୦୧୪ରେ ଡିମାରକେସନ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି କାହାକୁ ନ ପଚାରି ଜମି ଜବରଦଖଲ କରି ଆସୁଛନ୍ତି। ସେହି ଜମିରେ ବର୍ତ୍ତମାନ ମାଟି ପକାଉଥିବାରୁ ରାସ୍ତା ଅଣଓସାରିଆ ହେଉଛି। ଏ ନେଇ ୱାର୍ଡବାସୀ ମୁଖ୍ୟମନ୍ତ୍ରୀ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଜିଲାପାଳ, ଉପଜିଲାପାଳଙ୍କ ନିକଟକୁ ପୋର୍ଟାଲ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଯଦି ଏହି ରାସ୍ତା ଉଚ୍ଛେଦ କରା ନ ଗଲେ ୱାର୍ଡବାସୀ ରାଜରାସ୍ତାକୁ ଓହ୍ଲାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ୨୬ ଜାତୀୟ ରାଜ ପଥରେ ଗଣଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି। ରାସ୍ତ ଉଚ୍ଛେଦ କରିବା ପାଇଁ ଏନ୍‌ଏସି କାଉନସିଲର ମଞ୍ଜୁଳା ସାହୁ, ଭୁପିନ୍ଦର ଘିଭେଲା, ରୋହିତ ଜୈନ, ଧରଣୀ ନାଏକ, ରମାକାନ୍ତ ଜେନା, ପ୍ରକାଶ ବନଛୋରଙ୍କ ସମେତ ଟୁନା ମହାପାତ୍ର, ପୂର୍ବତନ କାଉନସିଲର ରଞ୍ଜନ ବେହେରାଙ୍କ ସମେତ ୱାର୍ଡର ଶତାଧିକ ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଓଡ଼ିଶା ରାଇସ୍ ମିଲ ମାଲିକ ଶଶି ଅଗ୍ରୱାଲଙ୍କୁ ପଚାରିବାରୁ ମୁଁ ତିନିଦିନ ତଳେ ଜମିର ଡିମାରେକେଶନ କରି କାମ କରୁଛି। ମୁଁ କିଛି ଅନିୟମିତ କାମ କରୁନି ବୋଲି କହିଛନ୍ତି।


ଦାବିପତ୍ର ଦେବା ବେଳେ ଉପସ୍ଥିତ ୱାର୍ଡବାସୀଙ୍କ ସହିତ ଅନ୍ୟମାନେ।

# ମାଣ୍ଡିଆ ଦିବସ ଉପଲକ୍ଷେ କ୍ଷୁଦ୍ର ଶସ୍ୟ ଖାଦ୍ୟ ମେଳା


କର୍ଲାମୁଣ୍ଡାରେ ଅତିଥିମାନେ ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରୁଛନ୍ତି।


ଭବାନୀପାଟଣାସ୍ଥିତ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳାରେ ଉପସ୍ଥିତ ଅତିଥି।

**ଭବାନୀପାଟଣା/କର୍ଲାମୁଣ୍ଡା/କୋକସରା, ୧୦।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

କଳାହାଣ୍ଡି ଜିଲାରେ ଜିଲା ଓ ବ୍ଲକସ୍ତରୀୟ ମାଣ୍ଡିଆ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟ କୁଳପତି ଡା ସଞ୍ଜୟ ଶତପଥି, ଜିଲା କୃଷି ଅଧିକାରୀ ପ୍ରଦୀପ୍ତ କୁମାର ସାହୁ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଡା ଅମିତାଭ ପଣ୍ଡା, ଜିଲା ସୂଚନା ଅଧିକାରୀ ମନୋଜ ବେହେରା, ମୃତ୍ୟୁଞ୍ଜୟ ନାୟକ ବ୍ଲକ କାର୍ଯ୍ୟାଳୟ ଭବାନୀପାଟଣା, ଜିଲା ପ୍ରକଳ୍ପ ସଂଯୋଜକ ଓଡିଶା ମିଲ୍ଲେଟ୍ସ ମିଶନ ଜିତୁ ନାୟକ, ଉପକୃଷି ଅଧିକାରୀ ଭବାନୀପାଟଣା,

### ମାଣ୍ଡିଆ ପିଠାପଣାରେ ମହକିଲା ମଞ୍ଚ

ବ୍ଲକସ୍ତରୀୟ ମିଲେଟ ମିଶନ ସଂଚାଳକ ସଂସ୍ଥା ଦାପ୍ତା, ଅଧାପକ ଅଧାପିକା ଓ ଛାତ୍ରୀଛାତ୍ର ବୃନ୍ଦ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଷୁଦ୍ରଶସ୍ୟ ଜାତୀୟ ଖାଦ୍ୟ ଏବଂ ତାହାର ମହତ୍ତ୍ୱ, ମାଣ୍ଡିଆ ଦିବସ ପାଳନର ମୂଳ ଲକ୍ଷ୍ୟ, ଓଡିଶା ମିଲେଟ ମିଶନର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଯାଇଥିଲା। କର୍ଲାମୁଣ୍ଡା ବ୍ଲକ ସଦର ଆତ୍ମା କାର୍ଯ୍ୟାଳୟରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, ସମ୍ମାନିତ ଅତିଥି ଭାବେ ବିଡିଓ ସୁଚରିତା ମୁଗ୍ରୀ, ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, ସିଡିପିଓ ଜି. ଗିରିଜା (କ ଜୋନ) ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, (ଖ ଜୋନ) ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଏଏଓ ଅରୁଣ ଚନ୍ଦ୍ର ପାଢ଼ୀ, ମିଶନ ଶକ୍ତି ବିପିଏମ ବିପିନ ବାରିକ, ସ. ମାଲପଡା ସରପଞ୍ଚ ବରୁଣ ଛତ୍ରିଆ, ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଗ୍ରାମୀଣ ସଂଯୋଜକ ଅମ୍ବରିଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଷ୍ଟଲଗୁଡିକରେ ମାଣ୍ଡିଆ ପିଠାପଣା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ଅବସରରେ ଭଟାପଲା ଅଲେଖ ମହିମା ସଂସ୍କୃତିକ ଅନୁଷ୍ଠାନ କଳାକାରମାନଙ୍କ ଦ୍ୱାରା ମାଣ୍ଡିଆ ଚାଷ ଓ ମାଣ୍ଡିଆ ଦିବସ ବିଷୟରେ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। କୁଇଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଆରପି ଭାନୁମତି ପ୍ରଧାନ, ଜୀବର୍ଦ୍ଧନ ସାହୁ, ବାଲ୍ମୀକି ଛତ୍ରିଆ, ପ୍ରବୀଣ ଭୋଇ, ଶ୍ରଦ୍ଧାଞ୍ଜଳି ବାଗ ଓ ସମସ୍ତ ଏମବିକେ, ଗ୍ରାମ କୃଷି କର୍ମଚାରୀ ସହଯୋଗ କରିଥିଲେ। କୋକସରା ବ୍ଲକରେ ମାଣ୍ଡିଆ ଦିବସ ପାଳିତ ହୋଇଛି। ଦି ହ୍ୟୁମାନ ଡେଭଲପମେଣ୍ଟ ସଂସ୍ଥାର ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର ସୁରେନ୍ଦ୍ର ଜୁଏଡ଼ଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ବିଡିଓ ଉତ୍ତମ କୁମାର ବାଗ, ସମ୍ମାନିତ ଅତିଥି ବ୍ଲକ ଆତ୍ମା କମିଟି ଅଧକ୍ଷ ଋତୁରାଜ ମାଝି, ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସିଡିପିଓ ସରୋଜା ଲତା ଦେଇ, ସୁପରଭାଇଜର ପ୍ରିୟସିନି ତାଣ୍ଡି, ମୁଖ୍ୟବକ୍ତା ଭାବେ ବ୍ଲକ କୃଷି ଅଧିକାରୀ ହେମାନନ୍ଦ ମାଝି ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଓଏଲଏମ, ଏମବିକେ, ଅଙ୍ଗନୱାଡି କର୍ମୀ, ପିଏଚଡି ସିଆରପି ମହିଳା କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୧ ନଭେମ୍ବର, ୨୦୨୨



## ପାର୍କ ପାଇଁ ଭୂମି ପୂଜନ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ସଦର ଗ୍ରାମପଞ୍ଚାୟତ ପକ୍ଷରୁ ଗ୍ରାମ୍ୟ ପ୍ରମୋଦ ଉଦ୍ୟାନ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ବୋଡେନ ପାତାଳଗଙ୍ଗା ରାସ୍ତାର କର୍ଲାପଡା ଛକ ପାଖରେ ପାର୍କ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ବିଡିଓ ପ୍ରିୟରଞ୍ଜନ କୁମାର, ସରପଞ୍ଚ ରଶ୍ମିତା ସିହ୍ନା, ସଚେତନ ନାଗରିକ ମଞ୍ଚ ସଭାପତି ଭୁବନେଶ୍ୱର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ସୟ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନନ୍ଦକିଶୋର ପାଢ଼ୀ ପ୍ରମୁଖଙ୍କ ଉପସ୍ଥିତିରେ ଝାଙ୍କର ମନ ମାଝି ପୂଜା ଅର୍ଚ୍ଚନା କରିଥିଲେ। ବହୁ ଦିନରୁ ପ୍ରତୀକ୍ଷିତ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ଭୂମି ପୂଜନ ପରେ ସାଧାରଣ ଲୋକେ ଖୁସିବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ତେଲଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ବୋଡେନ,୧୦।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ଥାନା ସୁନାପୁର ପଞ୍ଚାୟତ କେଶରାଜପୁର ଗ୍ରାମର ଜଣେ ଦାଦନ ଶ୍ରମିକ ସୁରେଶ ଜଗତ(୨୯)ଙ୍କ ତେଲଙ୍ଗାନାରେ ମୃତ୍ୟୁ ଘଟିଛି। ମୃତଦେହ ଆଣିବାକୁ ପରିବାର ପାଖରେ ସମ୍ବଳ ନ ଥିବା ବେଳେ ବୃଦ୍ଧ ପିତାମାତା ପୁଅ ଓ ନାବାଳକ ଶିଶୁ ମୃତ ବାପାଙ୍କ ମୁହଁ ଦେଖିବାକୁ ଅନେଇ ବସିଛନ୍ତି। କେଶରାଜପୁର ଗ୍ରାମର ଭୁବନେଶ୍ୱର ଜଗତଙ୍କ ପୁଅ ସୁରେଶ ତେଲଙ୍ଗାନାର ସିକନ୍ଦରାବାଦ୍ ଜିଲାର ଗୋପାଳପୁରମ୍ ରେଲୱେ ଷ୍ଟେଶନ୍ ନିକଟ ଏକ ଘରୋଇ କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। କାମ କରି ସେ ବିଭିନ୍ନ ସମୟରେ ଘରକୁ ଟଙ୍କା ମଧ ପଠାଉଥିଲେ। ଦୀର୍ଘ ଦିନ ହେଲା ସୁରେଶ ସେଠାରେ କାମ କରି ଆସୁଥିବା ବେଳେ ହଠାତ୍ ବୁଧବାର ବୋଡେନ ଥାନାରୁ ସୁରେଶଙ୍କ ମୃତ୍ୟୁ ହୋଇଥିବା ଖବର ପରିବାର ଲୋକଙ୍କୁ ଦିଆଯାଇଥିଲା। ସୁରେଶଙ୍କ ପରିବାରରେ ସ୍ତ୍ରୀଙ୍କ ସହ ଦୁଇ ସନ୍ତାନ ଓ ବୃଦ୍ଧ ମା'ବାପା ଅଛନ୍ତି। ଭୁବନେଶ୍ୱର ଗରିବ, ବୃଦ୍ଧ ତଥା ନିରକ୍ଷର ହୋଇଥିବାରୁ ସିକନ୍ଦରାବାଦ୍ ଯାଇ ଶବ ଆଣିବା ତାଙ୍କ ପକ୍ଷେ ସମ୍ଭବ ନାହିଁ। ଜିଲା ପ୍ରଶାସନ ସୁରେଶଙ୍କ ମୃତଦେହ ଆଣିବାରେ ସହାୟତା କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ପ୍ରବାସୀ ଶ୍ରମିକଙ୍କ ସଚେତନତା ରଥ ଶୁଭାରମ୍ଭ

**ଖଡ଼ିଆଳ,୧୦।୧୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରୁ ପ୍ରବାସୀ ଶ୍ରମିକଙ୍କ ସଚେତନ ରଥ ଖଡ଼ିଆଳ ବ୍ଲକ ପରିକ୍ରମା କରିବ। ଗୁରୁବାର ସଚେତନ ରଥ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଉଦ୍‌ଘାଟନ କରିଥିଲେ। ଉଦଘାଟନ ଉତ୍ସବରେ ବିଡିଓ ନାରାୟନ ସାହୁ, ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ସାମାଜିକ କର୍ମୀ ମନୋଜ କୁମାର ଦୀପ, ଭାରତୀୟ ମଜଦୁର ସଂଘ ସଭାପତି ପ୍ରଦୀପ କୁମାର ଦଣ୍ଡସେନା ପ୍ରମୁଖ ସବୁଜ ପତାକା ଦେଖାଇ ସଚେତନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବ୍ଲକର ୩୧ଟି ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିବ। ନିଜ ନାମ ପଞ୍ଜୀକୃତ କରି ରାଜ୍ୟ ବାହାରେ ନିୟୋଜିତ ହେବାକୁ ଏହି ରଥ ସଚେତନ କରିବ।

### ଆକ୍ରମଣ ସହ ଘର ପୋଡ଼ି, ଜେଲ ଗଲେ ୨ ଭାଇ

**କୋକସରା,୧୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଡଙ୍ଗରିଗୁଡା ଗ୍ରାମରେ ସାମାନ୍ୟ କଥା ନେଇ ୨ଭାଇ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ସହ ଘରେ ନିଆଁ ଲଗାଇ ଦେଇଛନ୍ତି। ଏ ନେଇ ଥାନାରେ ପୀଡିତ ଯୁବକ ପୁରନ୍ଦର ସୁରିଙ୍କ ସ୍ତ୍ରୀ ସରିତା ସୁରି ବୁଧବାର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ୨ଭାଇଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କିଶୋର ଚନ୍ଦ୍ର ମାଝି (୩୧) ଓ ପୂର୍ଣ୍ଣଚନ୍ଦ୍ର ମାଝି (୨୮)। ସୂଚନା ଅନୁସାରେ ଡଙ୍ଗରିଗୁଡା ଗ୍ରାମର ପୁରନ୍ଦର ସୁରି (୩୧)ଙ୍କୁ ଉକ୍ତ ଗ୍ରାମର କିଶୋର ଓ ପୂର୍ଣ୍ଣଚନ୍ଦ୍ର ୨ ଭାଇ କୌଣସି ଘଟଣାକୁ ନେଇ ଉତ୍ୟକ୍ତ ହୋଇ ମଙ୍ଗଳବାର ରାତିରେ ଆକ୍ରମଣ କରିବା ସହ ଘରେ ନିଆଁ ଲଗାଇ ଦେଇଥିଲେ। ଆକ୍ରମଣରେ ପୁରନ୍ଦରଙ୍କ ମୁଣ୍ଡ ଫାଟି ଗଭୀର କ୍ଷତ ହେବା ସହ ଘର ଆସବାବପତ୍ର ଧାନ, ଚାଉଳ, ବାଇକ୍, ସାଇକେଲ ପୋଡି ଯାଇଛି। ଏ ନେଇ ପୀଡିତ ପରିବାର ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ ଏକ ମାମଲା (ନଂ.୨୭୯/୨୨) ରୁଜୁ କରି ୨ ଭାଇଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

### ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ

**ନୂଆପଡ଼ା ଅଫିସ,୧୦।୧୧:** ନୂଆପଡାସ୍ଥିତ ଗରିବସେନା ସଙ୍ଗଠନ ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଏକ ଦଳ ମୃତ ଛାତ୍ରୀ ହିତେଶ୍ୱରୀଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଅଭିଯୋଗର ୧୦ ମାସ ଭିତରେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଠାବ କରି ପାରି ନ ଥିଲା। ପୋଲିସ ଚାହିଁଥିଲେ ମୋବାଇଲ ଟ୍ରାକ କରି ତଦନ୍ତ କରି ପାରିଥାନ୍ତା। କାହିଁକି କଲାନାହିଁ। ବେନାମୀ ଚିଠି ମାଧ୍ୟମରେ ରହସ୍ୟ ଉନ୍ମୋଚନ କରିଛି ବୋଲି ପ୍ରଶ୍ନ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଏଟ୍ରୋସିଟି ଆକ୍ଟ ଲଗାଇ କଠୋର କାର୍ଯ୍ୟାନୁଷ୍ଠାନ ସହ ପୀଡିତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ସଙ୍ଗଠନର ଗଦାଧର ମାଝି, ମହେନ୍ଦ୍ର ପଟେଲ, ଗୋବିନ୍ଦ ସାହୁ, ତେଜରାମ ସାହୁ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ପଞ୍ଚାୟତସ୍ତରୀୟ ଫୁଟବଲ ପାଇଁ ପ୍ରସ୍ତୁତି ଆରମ୍ଭ

**ବୌଦ୍ଧ,୧୦।୧୧ (ସ୍ୱ.ପ୍ର.)**



ବୈଠକରେ ଜିଲା କ୍ରୀଡା ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

ଓଡ଼ିଶା ଫୁଟବଲ ସଂଘ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ସାହାଣି କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ବୌଦ୍ଧ ଓ କନ୍ଧମାଳ ଜିଲାରେ ହେବାକୁ ଆପତତଃ ସ୍ଥିର ହୋଇ ସାରିଥିବା ବେଳେ ଏଥିପାଇଁ ଜିଲାସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏଥିପାଇଁ ପୂର୍ବରୁ ପ୍ରଥମ ପ୍ରସ୍ତୁତି ବୈଠକ ଜିଲା କ୍ରୀଡା ସଂଘର ଅଧକ୍ଷ ତଥା ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା। ଜିଲାରେ ଫୁଟବଲ ଖେଳ ପ୍ରତି ଲୋକଙ୍କ ଅଧିକ ଆକର୍ଷଣ ରହିଥିବାରୁ ଏଠାରେ ରାଜ୍ୟ ଫୁଟବଲ ସଂଘ ପକ୍ଷରୁ ସମ୍ମାନଜନକ ସାହାଣି କପ ଆୟୋଜନ କରାଯିବାକୁ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଆବାହକତ୍ୱରେ ଜିଲା କ୍ରୀଡା ସଂଘର ଉପାଧକ୍ଷ ଧୂରୀଣ କୁମାର ଦେହୁରୀଙ୍କ ଅଧକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସାହାଣି କପ ଫୁଟବଲରେ ବୌଦ୍ଧ ଜିଲାକୁ ପ୍ରତିନିଧିତ୍ୱ କରିବା ପାଇଁ ଟିମ ଚୟନ ନେଇ ବ୍ୟାପକ ଆଲୋଚନା କରାଯାଇଥିଲା। ଜିଲା ଟିମର ଖେଳାଳି ତାଲିକା ପ୍ରସ୍ତୁତ ପୂର୍ବରୁ ଜିଲାର ସମସ୍ତ ଯୋଗ୍ୟ ଖେଳାଳିଙ୍କୁ ସୁଯୋଗ ଦେବାକୁ ଗୁରୁତ୍ୱ ଦିଆଯାଇ ଉପଯୁକ୍ତ ଖେଳାଳି ଚୟନ ପାଇଁ ପଞ୍ଚାୟତସ୍ତରୀୟ ଫୁଟବଲ ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତିନି ଗୋଟି ବ୍ଲକରେ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଆୟୋଜକ କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯିବାକୁ ସ୍ଥିର ହୋଇଥିଲା। ବୌଦ୍ଧ ବ୍ଲକ ପାଇଁ ମୁଣ୍ଡାପଡାରେ, କଣ୍ଟାମାଳ ବ୍ଲକ ପାଇଁ ପଲଶାଗୋରାରେ ଏବଂ ହରଭଙ୍ଗା ବ୍ଲକ ପାଇଁ ପୁରୁଣାକଟକଠାରେ ଖେଳାଳି ଚୟନ ଫୁଟବଲ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ବ୍ଲକ ଓ ଏନଏସିରୁ ଦୁଇଗୋଟି ଲେଖାଏ ଶ୍ରେଷ୍ଠ ଦଳଙ୍କୁ ନେଇ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ଆୟୋଜନ କରାଯିବା ପରେ ଜିଲା ଟିମ ପାଇଁ ଖେଳାଳି ତାଲିକା ଘୋଷଣା କରାଯିବ ବୋଲି ଜଣାପଡିଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ସଂଘର ସଂପାଦକ ରବୀନ୍ଦ୍ର କୁମାର ରାଉତ,ବରିଷ୍ଠ ଆଇନଜୀବୀ ତଥା ଜିଲା କ୍ରୀଡା ସଂଘର ସଦସ୍ୟ ତାରେଣି ମହାପାତ୍ର,ଟାଉନ ଆଥଲେଟିକ କ୍ଲବର ସଂପାଦକ ବଦ୍ରିନାରାୟଣ ମିଶ୍ର, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଆର.କେ. ରାଉତ, ଜ୍ୟୋତିରଞ୍ଜନ ପଟ୍ଟନାୟକ ଓ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କିଷାନ ସଂଘର ପ୍ରଶିକ୍ଷଣ ଶିବିର



କିଷାନ ସଂଘ ପ୍ରଶିକ୍ଷଣ ଶିବିରରେ ଚାଷୀ ଓ କର୍ମକର୍ତ୍ତା।

**ବୌଦ୍ଧ,୧୦।୧୧(ସ୍ୱ.ପ୍ର.)**

ଭାରତୀୟ କିସାନ ସଂଘ ବୌଦ୍ଧ ଜିଲା ଶାଖା ପକ୍ଷରୁ ସୋମବାର ଦିନ ଆଦର୍ଶ କୃଷି ବଜାରଠାରେ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବଭାରତୀୟ ସ୍ତରର ଉତ୍ତର ପୂର୍ବାଞ୍ଚଳର ସଂଗଠନ ସମ୍ପାଦକ ଶ୍ରୀନିବାସ ଜୀ, କେନ୍ଦ୍ର କାର୍ଯ୍ୟକାରିଣୀ ସଦସ୍ୟ କେଦାର ନାଥ ମିଶ୍ର, ରାଜ୍ୟ ସଂଗଠନ ସହ ସମ୍ପାଦକ ବିଶିକେଶନ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକୃଷ୍ଣ ମେହେର ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ସଂଘର ସଂଗଠନ, ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ପ୍ରତି ଗ୍ରାମରେ ଗୋଟିଏ ଲେଖାଏ ଗ୍ରାମ୍ୟ କମିଟି ଗଠନ କରି ସଂଘକୁ ଦୃଢୀଭୂତ କରିବା, ସଂଘର କର୍ମକର୍ତ୍ତା ପ୍ରତି ଗାଆଁକୁ ଯାଇ ଚାଷୀଙ୍କ ସମସ୍ୟା ଅନୁଧ୍ୟାନ କରି ପ୍ରଶାସନ ନିକଟରେ ପହଞ୍ଚିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଆସନ୍ତା ଡିସେମ୍ବର ୧୯ ତାରିଖରେ ଦିଲ୍ଲୀରେ ହେବାକୁ ଥିବା କିସାନ ଗର୍ଜନ ସମାବେଶରେ ବୌଦ୍ଧ ଜିଲାରୁ ୯୦ ଜଣ ଚାଷୀ ଯିବାକୁ ସ୍ଥିର ହୋଇଥିବା ସୂଚନା ଦିଆଯାଇଥିଲା। ଏହାଛଡା ସେଠାରେ ଚାଷୀଙ୍କ ବିଭିନ୍ନ ଦାବି ନେଇ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଶିବିରରେ ଆଲୋଚନା ହୋଇଥିଲା। ବୌଦ୍ଧ ଜିଲାର ସାଲୁଙ୍କୀ ନଦୀର ଗୁରୁଜୀ ମୁଣ୍ଡା, ଖଡଙ୍ଗ ନଦୀର ସାଡାଙ୍ଗଠାରେ ଜଳଭଣ୍ଡାର ନିର୍ମାଣ, ଧଳପୁର, ରାମଗଡ,ସମ୍ପୋଚ ଆଦି ସ୍ଥାନରେ ମହାନଦୀ କୂଳରେ ବୃହତ ଉଠାଜଳସେଚନ ପ୍ରକଳ୍ପ, ଫସଲ ହାନିର ବୀମା ରାଶି ପ୍ରଦାନ ନେଇ ସଂଘ ପକ୍ଷରୁ ଆସନ୍ତା ଫେବୃୟାରୀ ମାସରେ ଆନ୍ଦୋଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଶିବିରରେ ଦୃତିବାହାନ କମ୍ପ,ଭୋଳାଗିରି ସାହୁ,ଚକସ ମହାକୁଡ, ଗୋପାଳଜୀ ଦାସ, ପ୍ରକାଶ ଚନ୍ଦ୍ର ଦାସ, ନବକୁମାର ପ୍ରଧାନ, କାଳନ୍ଦୀ କ୍ଷେତି, ଲବକିଶୋର ପ୍ରଧାନ, ନବୀନ ପ୍ରଧାନ, ଆରତ ଧଳ, ବୈକୁଣ୍ଠ ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ଆଇନ ସଚେତନତା ଶିବିର

**ଡୁଙ୍ଗୁରିପାଲି,୧୦।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତ ସଭା ଗୃହରେ ଗୁରୁବାର ରାମପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓକିଲ ତଥା ଆଇନ ସେଲ ଓକିଲ ତପନ ଯୁଆଡିଙ୍କ ଏଥଇରେ ଅଧକ୍ଷତା କରିଥିଲେ। ଡୁଙ୍ଗୁରିପାଲି ଓକିଲ ସଂଘର ପୂର୍ବତନ ସଭାପତି ରାଜେନ୍ଦ୍ର ପ୍ରସାଦ ଭୋଇ, ଯୁବ ଓକିଲ ଶ୍ରବଣ କୁମାର ପଧାନ, ନେହେରୁ ପଧାନ, ଲରାମ ବାରିକ, ଚକ୍ରଧର ମିଶ୍ର ଶଇବରରେ ଯୋଗଦେଇ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଓ ମାଗଣା ଆଇନସେବା ବିଷୟରେ ଆଲୋକପାତ କରିଥିଲେ। ରାମପୁର କୋର୍ଟ କର୍ମଚାରୀ ସୁବନ୍ତ କୁମାର ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସଚେତନ ହେଲେ ଅଧିକାର ମିଳିବ

**ଆଇନ ସଚେତନତା ଶିବିର**

**ଡୁଙ୍ଗୁରିପାଲି, ୧୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଆରଏମସି କୃଷକ ଭବନରେ ରାମପୁର ତାଲୁକ ଆଇନ ସମିତି ପକ୍ଷରୁ ଆଇନ ସେବା ଦିବସ ଗୁରୁବାର ପାଳିତ ହୋଇ ଯାଇଛି। ଆଇନ ସେବା ସମିତି ଅଧକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାମପୁର ଅରୁଣିମା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ଗ୍ରାମ ନ୍ୟାୟାଧୀଶ ସୁଦେଷ୍ଣା ପଟନାୟକ ଯୋଗ ଦେଇଥିଲେ। ଗରିବ ଅସହାୟଙ୍କୁ ମାଗଣାରେ ନ୍ୟାୟ ପ୍ରଦାନ ପାଇଁ ତଳକୋର୍ଟରୁ ହାଇକୋର୍ଟ ପର୍ଯ୍ୟନ୍ତ ଆଇନରେ ଥିବା ବ୍ୟବସ୍ଥା ସମ୍ପର୍କରେ ସଚେତନ ହେଲେ ଅଧିକାର ସୁନିଶ୍ଚିତ କରିପାରିବ। ମାଗଣା ଆଇନ ସେବା ବ୍ୟବସ୍ଥାରୁ କେହି ବଞ୍ଚିତ କରିପାରିବେ ନାହିଁ ବୋଲି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦାସ କହିଥିଲେ। ଯୁବ ଓକିଲ ନାରାୟଣ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଓକିଲ ତପନ ଯୁଆଡ଼ି, ସରକାରୀ ଓକିଲ ନବୀନ ରଣା ଆଇନର ବିଭିନ୍ନ ଦିଗ ଓ ମାଗଣା ଆଇନ ସେବା ବିଷୟରେ ଆଲୋଚନା କରିଥିଲେ। ଶିବିରରେ ଡୁଙ୍ଗୁରିପାଲି ଡ୍ରାଇଭ ମହାସଂଘ ସଦସ୍ୟ, ଏସ୍ଏଚ୍‌ଜି ମହିଳା, ଜନସାଧାରଣ, ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ପବିତ୍ର ମୋହନ ପାଣ୍ଡିଆ, ଦୀନବନ୍ଧୁ ସୁନା, ପ୍ରକାଶ ହାତୀ, ମହାଦେବ ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ହିମାଂଶୁ ଶେଖର



@ ଆନନ୍ଦରାମ



@ ମକୁନ୍ଦ



@ ପବୀର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୮ ଫୁଟ ଲମ୍ବର ଅଜଗର ଉଦ୍ଧାର

**ଲୋଇସିଂହା,୧୦।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ଝାରବନ୍ଧଲି ଗ୍ରାମରୁ ଏକ ଅଜଗର ସାପକୁ ସ୍ଥାନୀୟ ଯୁବ ଗୋଷ୍ଠୀ ସହାୟତାରେ ବନ ବିଭାଗ ଗୁରୁବାର ଉଦ୍ଧାର କରିଛି। ଉଦ୍ଧାର ଅଜଗରକୁ ନିକଟସ୍ଥ ଗାଈଖାଇ ଜଙ୍ଗଲରେ ଛଡାଯାଇଛି। ଉଦ୍ଧାର ଅଜଗରର ଲମ୍ବ ୮ ଫୁଟ ଲମ୍ବ ଏବଂ ଓଜନ ୧୮ କେଜି ଓଜନ ଥିବା କୁହାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ପୋଖରୀ ନିକଟରେ ଥିବା ତେନ୍ତୁଳି ଗଛ ପାଖକୁ ଯାଇଥିବାବେଳେ ଅଜଗରକୁ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ଓ ସାପ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି ସୁରକ୍ଷିତ ଉଦ୍ଧାର କରିଥିଲେ।

# କଳାକାର ଚୟନ ଶିବିର




କଳାକାର ଚୟନ ପାଇଁ ଅନୁଷ୍ଠିତ ଶିବିରରେ ବିଚାରକ ଓ ଅଧିକାରୀମାନେ।

**ତରଭା, ୧୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପରିସରରେ ଗୁରୁବାର ବିଡିଓ ବିନୟ କୁମାର ପଟେଲଙ୍କ ଅଧକ୍ଷତାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଆବେଦନକାରୀଙ୍କ ଦକ୍ଷତା ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରକଭାବେ ବେତାର କଣ୍ଠଶିଳ୍ପୀ ଶ୍ୟାମାସୁନ୍ଦର ସାହୁ, ବୟୋଜ୍ୟେଷ୍ଠ କଳାକାର ବିଶ୍ୱମ୍ଭର ନାଏକ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ମାନଭଞ୍ଜନ ମିଶ୍ର ଯୋଗଦେଇଥିଲେ। ଏଥିରେ ତରଭା ବ୍ଲକର ୬୩ ଓ ଏନଏସିର ୯ଜଣ କଳାକାର ଯୋଗଦେଇ ସ୍ୱକୀୟ କଳା ପରିବେଷଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ଶିବିର ପରିଚାଳନା କରିଥିଲେ। ଏଥିରେ ମାନସ ସାହୁ, ଜିତେନ୍ଦ୍ର ସାହୁ, ବିକ୍ରମ ବିଶି, ଉତ୍ତମସିଂ ନାଗ, ସୁରୁବୁଇ କୁଅଁର, ବିଜୟା ମଲ୍ଲିକ, ଗଣ୍ଡାରାମ ବାଘ ସହଯୋଗ କରିଥିଲେ।

# ଭୋଟ ବର୍ଜନ ନିଷ୍ପତ୍ତି ପରେ ତତ୍ପରତା

**ପଦ୍ମପୁର,୧୦।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ବଇଦପାଲି ଗ୍ରାମବାସୀ ରାସ୍ତା ନିର୍ମାଣ ନ ହେଲେ ଭୋଟ୍‌ବର୍ଜନ କରିବାକୁ ଚେତାବନୀ ଦେବା ପରେ ପ୍ରଶାସନ ତତ୍ପର ହୋଇପଡିଛି। ଗୁରୁବାର ରାଜବୋଡାସମ୍ବର ବିଡ଼ିଓ ବିଶ୍ୱନାଥ ସାହୁ ବଇଦପାଲିରେ ପହଞ୍ଚି ରାସ୍ତା ନିରୀକ୍ଷଣ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ରାସ୍ତାଟି ପଞ୍ଚାୟତ ଅଧୀନରେ ରହିଛି। କିନ୍ତୁ ନୂଆପାଲି କ୍ଷୁଦ୍ର ଜଳସେଚନ ବିଭାଗ ପୋଖରୀ ଖୋଳିବା ସମୟରେ ମାଟି ଖୋଳି ରାସ୍ତା ଉପରେ ପକାଇଥିବାରୁ ରାସ୍ତା ତିଆରି ସମ୍ଭବ ହୋଇପାରୁନାହିଁ। ବିଡ଼ିଓ ଉକ୍ତ ବିଭାଗ ସହ ଆଲୋଚନା କରି ରାସ୍ତା ତିଆରି ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନନ୍ତ ପଟେଲ, ଶତ୍ରୁଘ୍ନ ନେଟୀ, ଈଶ୍ୱର ନେଟୀ, ପଞ୍ଚାନନ ନେଟୀ, ଅଶ୍ୱିନୀ ଧରୁଆ, ଦିବ୍ୟ ସାହୁ, ଠାକୁର ନେଟୀ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବଇଦପାଲିରେ ବିଡ଼ିଓ ଓ ଅଧିକାରୀମାନେ।